Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୦୫
Volum. - 22 ■ Issue No.- 05
Sunday ■ Balangir
ରବିବାର ■ ବଲାଙ୍ଗିର

# KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୦୫ ଡିସେମ୍ବର - ୧୧ ଡିସେମ୍ବର ୨୦୨୧ / 05 Dec. - 11 Dec. 2021 / Odia Weekly / 8 Pages / Rs.2/- only

## ବଡ଼ମାଲ ବନ ବିଭାଗ ପକ୍ଷରୁ ବେଆଇନ ସାବୁଆନ କାଠ ଜବତ : ଜଣେ ଅଟକ




ସଇଁତଲା, (ନିପ୍ର) : ଦିନକୁ ଦିନ କାଠ ମାଫିଆଙ୍କ ସଂଖ୍ୟା ବଡ଼ମାଲ, ଫପସି ଓ ଧରପଗଡ଼ ଅଂଚଳରେ ବୃଦ୍ଧି ପାଉଥିବା ବେଳେ ଉକ୍ତ ଗାଁକୁ ଲାଗିଥିବା ବନ୍ୟ ସଂରକ୍ଷିତ ଜଙ୍ଗଲ କାଠ ମାଫିଆଙ୍କ ଯୋଗୁଁ କ୍ଷତି ହେବାରେ ଲାଗିଛି । ତେବେ ଏଭଳି ପରିସ୍ଥିତିରେ କଡ଼ା ପେଟ୍ରୋଲିଂ କରୁଛି ବଡ଼ମାଲ ବନ ବିଭାଗ । ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ରେଞ୍ଜ ଅନ୍ତର୍ଗତ ବଡମାଲ ଫପସି ଗ୍ରାମ ଇବ୍ରାହିମ ଖାନ(ବାବିଲି)ଙ୍କ ଘରେ ବେଆଇନ ସାବୁଆନ ପଟା ରହିଥିବା ବଡ଼ମାଲ ଫାଣ୍ଡି ଅଧିକାରୀ ସର୍ବେଶ୍ୱର ସାହୁ ଖବର ପାଇବା ପରେ ବଡ଼ମାଲ ବନ ବିଭାଗକୁ ଖବର ଦେଇଥିଲେ । ବଡମାଲ ଫରେଷ୍ଟର ପ୍ରିୟଙ୍କା ପୋଢ଼ଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଫପସି ଗ୍ରାମର ଇବ୍ରାହିମ୍ ଖାନଙ୍କ ଘରେ ଚଢାଉ କରି ପାଖାପାଖି ୬୪ ଖଣ୍ଡ ଶାଗୁଆନ କାଠ ଜବତ କରିଛି । କାଠକୁ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲଣା କରାଯିବ ବୋଲି ବଡ଼ମାଲ

(ଦ୍ୱିତୀୟ ପୃଷ୍ଠା ଦେଖନ୍ତୁ)

## ଯେଉଁମାନେ ଟୀକା ନେଇନାହାନ୍ତି, ସେମାନଙ୍କୁ ଡିସେମ୍ବର ୧୨ରୁ ବଜାରରେ ବୁଲାବୁଲି ମନା



ମଦୁରାଇ : ଦେଶରେ ଏକ ନୂତନ କରୋନା ଭାରିଆସଟ ଓମିକ୍ରନ୍ ପାଇଁ ଆଶଙ୍କିତ ପରିସ୍ଥିତି ସୃଷ୍ଟି ହେବା ପରେ ତାମିଲନାଡୁର ମଦୁରାଇ ଜିଲ୍ଲାରେ ଡିସେମ୍ବର ୧୨ରୁ ଟୀକା ନେଇନଥିବା ଲୋକଙ୍କୁ ସର୍ବସାଧାରଣ ସ୍ଥାନରେ ପ୍ରବେଶ କରିବାକୁ ଦିଆଯିବନାହିଁ । ଜିଲ୍ଲା କଲେକ୍ଟର ଅନିଶ ଶେଖର କହିଛନ୍ତି ଯେ, କରୋନାର ନୂତନ ପ୍ରକାର ଓମିକ୍ରନ୍ ପାଇଁ ସତର୍କତାମୂଳକ ପଦକ୍ଷେପ ଭାବରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି ।

ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ଲୋକଙ୍କୁ ଟୀକାକରଣର ଅତି କମ୍‌ରେ ଗୋଟିଏ ଡୋଜ୍ ନେବାକୁ ଏକ ସପ୍ତାହ ସମୟ ଦିଆଯାଉଛି । ମଦୁରାଇରେ ପ୍ରାୟ ତିନି ଲକ୍ଷ ଲୋକଙ୍କୁ ଗୋଟିଏ ଡୋଜ୍ ବି ଟୀକାକରଣ କରାଯାଇ ନାହିଁ ବୋଲି ସେ କହିଛନ୍ତି । ଏପରି ପରିସ୍ଥିତିରେ, ସର୍ବସାଧାରଣ ସ୍ଥାନକୁ ଆସୁଥିବା ଲୋକଙ୍କୁ ଅତି କମ୍‌ରେ ପ୍ରଥମ ଡୋଜ୍ ଟୀକାକରଣ କରାଯିବା ଉଚିତ୍ ।

## ଲକ୍ଷ୍ମୀ ମେହେର ଆତ୍ମହତ୍ୟା ଘଟଣା, ଉଚିତ ତଦନ୍ତ ଓ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବୀ କଲା ସିନାପାଲି ମେହେର ଯୁବାମଞ୍ଚ



ନୂଆପଡ଼ା, (ନପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ମେହେର ଯୁବାମଂ ତରଫରୁ ଲକ୍ଷ୍ମୀ ମେହେର ଆତ୍ମହତ୍ୟା ଘଟଣାକୁ ନେଇ ଉଚିତ ତଦନ୍ତ ଓ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବୀ ନେଇ ସିନାପାଲି ଥାନାଧିକାରୀ ଡମ୍ବରୁଧର ପ୍ରଧାନଙ୍କୁ ନିବେଦନ କରିଛନ୍ତି । ନିବେଦନ ପତ୍ରଟିକୁ ସିନାପାଲି ଥାନା ସବ୍‌ଇନ୍ସପେକ୍ଟର ବବିତାରାଣୀ ପୁହାଣ ଗ୍ରହଣ କରିଥିଲେ । ସୁଚନାଯୋଗ୍ୟ ଯେ, ଗତ ୧୪/୧୦/୨୦୨୧ ରିଖ ଦିନ ସିନାପାଲି ସହରର ଲକ୍ଷ୍ମୀ ମେହେର ଆତ୍ମହତ୍ୟା କରିଥିଲେ । ପ୍ରଥମେ ପ୍ରେମ ଓ ପରେ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ଆସୁଥିବା ନିଜ ପ୍ରେମିକଙ୍କ ପ୍ରତାରଣା କାରଣରୁ ଲକ୍ଷ୍ମୀ ଆତ୍ମହତ୍ୟା କରି ଜୀବନ ହାରିଥିବା ନେଇ ଲକ୍ଷ୍ମୀଙ୍କ ମା' ଗତ ୧୫/୧୦/୨୦୨୧ ରିଖ ଦିନ ସିନାପାଲି ଥାନାରେ ଅଭିଯୋଗ ଦେଇଥିଲେ । ଏହି ଅଭିଯୋଗକୁ ୧୨ ଦିନ ଉପରେ ବିତିଯାଇଥିଲେ ମଧ ଲକ୍ଷ୍ମୀର ଆତ୍ମହତ୍ୟା ପାଇଁ ଦାୟୀ କୁହାଯାଉଥିବା ସଂପୃକ୍ତ ପ୍ରେମିକଙ୍କ ବିରୋଧରେ ଏ ଯାଏଁ ପ୍ରଶାସନ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି । ପୁରୁଷ ଶୁନ୍ୟ ପରିବାରର ଏକମାତ୍ର ଲକ୍ଷ୍ମୀ । ବଜାରରେ ପନିପରିବା ବିକ୍ରୀ କରି ନିଜ ମା'ଙ୍କୁ ଭରଣ ପୋଷଣ କରୁଥିଲେ ।

ଲକ୍ଷ୍ମୀଙ୍କ ମୃତ୍ୟୁ ପରେ ମା' ନିଃସହାୟ ହୋଇ ପଡିଛନ୍ତି । ଝିଅର ମୃତ୍ୟୁ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଲଢେଇ କରିବା ତ ଦୂରର କଥା ଦୁଇଓଲି ଖାଇବା ଯୋଗାଡ଼ କରିବା ମଧ ତାଙ୍କ ପାଇଁ ସମସ୍ୟା ହୋଇପଡ଼ିଛି । ଏନେଇ ସିନାପାଲି ମେହେର ଯୁବାମଂଚ ତରଫରୁ ସିନାପାଲି ଥାନାଧିକାରୀ ଡମ୍ବରୁଧର ପ୍ରଧାନଙ୍କୁ ଦୋଷୀ ବିରୁଦ୍ଧରେ ଉଚିତ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି । ଯଦି ଏହି ମା' ଝିଅଙ୍କୁ ଉଚିତ ନ୍ୟାୟ ନ ମିଳେ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯାଏ । ତେବେ ଆଗାମୀ ଦିନରେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇ ବିରାଟ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ସିନାପାଲି ଯୁବାମଂଚ ସଦସ୍ୟ ଆଲୋକ ମେହେର, ସଂଜୀବ ମେହେର, ଅରୁଣ ମେହେର, ନରସିଂହ ମେହେର ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

## ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା ନିମନ୍ତେ ଏନ୍‌ସିଏମସି ବୈଠକ

ନୂଆଦିଲ୍ଲୀ, (ପିଆଇବି) : ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଦେଖାଦେଇଥିବା ପରିସ୍ଥିତିର ମୁକାବିଲା ଲାଗି କେନ୍ଦ୍ର ମନ୍ତ୍ରଣାଳୟ/ଏଜେନ୍ସି ଏବଂ ରାଜ୍ୟ ସରକାରମାନଙ୍କ ପ୍ରସ୍ତୁତି ସମୀକ୍ଷା ନିମନ୍ତେ କ୍ୟାବିନେଟ ସଚିବ ଶ୍ରୀ ରାଜୀବ ଗୌବାଙ୍କ ଅଧକ୍ଷତାରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ସମିତି (ଏନସିଏମସି)ର ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଯାହାକି ଅଧିକ ଘନୀଭୂତ ହୋଇ ଡିସେମ୍ବର ୩ ତାରିଖରେ ସାମୁଦ୍ରିକ ଝଡର ରୂପ ନେବାକୁ ଯାଉଛି, ତାହାର ବର୍ତ୍ତମାନର ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ସମିତିକୁ ବିସ୍ତୃତ ସୂଚନା ଦେଇଥିଲେ । ଏହି ସମ୍ଭାବ୍ୟ ବାତ୍ୟା ଡିସେମ୍ବର ୪ ତାରିଖ ସକାଳେ ଆନ୍ଧ୍ରପ୍ରଦେଶ ଏବଂ ଓଡିଶା ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବ । ଏହି ସମୟରେ ପ୍ରଭାବିତ ରାଜ୍ୟଗୁଡିକର ଉପକୂଳବର୍ତ୍ତୀ ଜିଲ୍ଲାରେ ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କିମି ରହିବା ସହିତ ପ୍ରବଳ ବର୍ଷା ଓ ସମୁଦ୍ରରେ ଉଚ୍ଚ ଜୁଆର ଆସିବାର ସମ୍ଭାବନା ରହିଛି । ଏହି ସାମୁଦ୍ରିକ ଝଡ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ, ବିଶାଖାପାଟଣା ଓ ବିଜୟନଗରମ ଜିଲ୍ଲା ସହିତ ଓଡିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କୁ ଅଧିକ ପ୍ରଭାବିତ କରିବ । ଏହାର ପ୍ରଭାବରେ ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟାକା କ୍ଷେତ୍ରରେ ଥିବା ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ।

ଏହି ବୈଠକରେ ଆନ୍ଧ୍ରପ୍ରଦେଶ, ଓଡିଶା, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପସମୂହର ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରି ସେମାନଙ୍କ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ଭାବ୍ୟ ସାମୁଦ୍ରିକ ଝଡ ଯୋଗୁ ପ୍ରଭାବିତ ହେବାକୁ ଥିବା କ୍ଷେତ୍ରରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ସେମାନେ କହିଥିଲେ । ବାତ୍ୟା ପ୍ରଭାବରୁ ଭିତ୍ତିଭୂମିଜନିତ କ୍ଷତିକୁ ସର୍ବନିମ୍ନ ସ୍ତରକୁ ହ୍ରାସ କରିବା ଲାଗି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେମାନେ ସୂଚନା ଦେଇଥିଲେ ।

ଏହିସବୁ ରାଜ୍ୟରେ ଏନଡିଆରଏଫର ୩୨ଟି ଦଳକୁ ନିୟୋଜିତ କରାଯାଇଛି ଏବଂ ଅତିରିକ୍ତ ଦଳକୁ ମଧ ପ୍ରସ୍ତୁତ ରଖାଯାଇଛି । ସ୍ଥଳସେନା ଓ ନୌସେନାର ରିଲିଫ ଓ ଉଦ୍ଧାରକାରୀ ଦଳକୁ ପ୍ରସ୍ତୁତ ରଖାଯିବା ସହିତ ଜାହାଜ ଓ ବିମାନଗୁଡିକୁ ଆବଶ୍ୟକତା କ୍ଷେତ୍ରରେ ମୁତୟନ ପାଇଁ ମଧ ପ୍ରସ୍ତୁତ ରଖାଯାଇଛି ।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏଜେନ୍ସିଗୁଡିକର ମୁକାବିଲା ପ୍ରସ୍ତୁତି ପଦକ୍ଷେପ ସମୀକ୍ଷା କରି କ୍ୟାବିନେଟ ସଚିବ ଶ୍ରୀ ରାଜୀବ ଗୌବା ଜୋର ଦେଇ କହିଥିଲେ ଯେ ବାତ୍ୟା ସ୍ଥଳଭାଗରେ ପହଞ୍ଚିବା ପୂର୍ବରୁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ଏଜେନ୍ସିମାନେ ସମସ୍ତ ସତର୍କତା ଏବଂ ପ୍ରଶମନ ପଦକ୍ଷେପ ଗ୍ରହଣ କରିବା ଉଚିତ୍



ଯାହାଫଳରେ ଜୀବନ ହାନିକୁ ରୋକିବା ଏବଂ ସମ୍ପତ୍ତି, ଭିତ୍ତିଭୂମି ଓ ଫସଲ କ୍ଷତି ହ୍ରାସ କରିବା ସମ୍ଭବ ହେବ । କ୍ୟାବିନେଟ ସଚିବ ମଧ ଜୋର ଦେଇ କହିଥିଲେ ଯେ, ସମସ୍ତ ମତ୍ସ୍ୟଜୀବୀ ଏବଂ ଡଙ୍ଗା ତୁରନ୍ତ ଉପକୂଳକୁ ଫେରାଇ ଆଣିବା ଏବଂ ବାତ୍ୟା ପ୍ରଭାବିତ କ୍ଷେତ୍ରରୁ ଲୋକମାନଙ୍କୁ ଆଗୁଆ ଉଦ୍ଧାର କରିବାକୁ ସମସ୍ତ ପ୍ରୟାସ ସୁନିଶ୍ଚିତ କରିବା ଲାଗି ରାଜ୍ୟ ସରକାର ସମସ୍ତ ପ୍ରୟାସ କରିବା ଉଚିତ୍ । ସେ ରାଜ୍ୟ ସରକାରମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ସମସ୍ତ କେନ୍ଦ୍ରୀୟ ଏଜେନ୍ସି ସହାୟତା ପାଇଁ ପ୍ରସ୍ତୁତ ଏବଂ ଉପଲବ୍ଧ ରହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ବନ୍ଦର ଜାହାଜ ଚଳାଚଳ ଏବଂ ଜଳମାର୍ଗ, ମତ୍ସ୍ୟ ବିଭାଗ, ଟେଲିଯୋଗାଯୋଗ ବିଭାଗ, ଶକ୍ତି ମନ୍ତ୍ରଣାଳୟ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସମେତ, ଏନଡିଆରଏଫ ଡିଜି, ଆଇଏମଡି ଡିଜି, ସିଆଇଏସସି, ଆଇଡିଏସ ଏବଂ ଏନଡିଏମଏର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ ।

## ବଲାଙ୍ଗିର ଜିଲ୍ଲା ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ପ୍ରତିଷ୍ଠାତା ଥିଲେ ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ବେହେରା । ସଦା ସର୍ବଦା ଜିଲ୍ଲା ତଥା ରାଜ୍ୟର ସାମ୍ବାଦିକ ମାନଙ୍କ ସମସ୍ୟା ବିଷୟ ବିଭିନ୍ନ ଫୋରମରେ ଉପସ୍ଥାପନ କରିବା ସହିତ ବ୍ୟବସ୍ଥା ବିରୋଧରେ ପ୍ରତିବାଦ ସହ ସ୍ୱର ଉତ୍ତୋଳନ କରି ଆସିଥିଲେ । ତାଙ୍କର ତିରୋଧାନରେ ସାମ୍ବାଦିକ ଭବନ ଠାରେ ସଂଘର ସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସ୍ୱର୍ଗତ ସତ୍ୟ ନାରାୟଣ ବେହେରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ୱର୍ଗତ ଆତ୍ମାର ସଦଗତି କାମନା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ପରେ ଉପଦେଷ୍ଟା ସନ୍ଦୀପ କୁମାର କୁଅଁର, କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ କୁମାର ନାଏକ, କୋଷାଧକ୍ଷ ଶ୍ୟାମ ପ୍ରସାଦ ଗୁରୁ, ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ମିଶ୍ର, ଅଶୋକ କୁମାର ସାହୁ, ସାଧାରଣ ସଂପାଦକ ବିମଳେନ୍ଦୁ ସାହୁ ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରି ତାଙ୍କ ସଂଘ ପ୍ରତି କର୍ତ୍ତବ୍ୟବୋଧ ଓ ତ୍ୟାଗ ସଂପର୍କରେ ଆଲୋଚନା କରିଥିଲେ । ସଭାପତି ଶ୍ରୀ ସାହୁ ସାମ୍ବାଦିକତା ପାଇଁ ସମର୍ପିତ ସ୍ୱର୍ଗତ ବେହେରାଙ୍କ ସ୍ଥାନ ଅପୂରଣୀୟ ବୋଲି କହିଥିଲେ । ଶେଷରେ ସାଧାରଣ ସଂପାଦକ ଶ୍ରୀ ସାହୁଙ୍କ ଧନ୍ୟବାଦ ଅର୍ପଣ ପରେ ଶୋକସଭା ଶେଷ ହୋଇଥିଲା ।

## ଓମିକ୍ରନ୍ ପାଇଁ ରେଳ ବିଭାଗ ସତର୍କ, ଯାତ୍ରୀମାନଙ୍କୁ ଡିସ୍‌ପୋଜେବଲ୍ ଚାଦର-କମ୍ବଳ ଦିଆଯିବ

ନୂଆଦିଲ୍ଲୀ : କରୋନାର ନୂତନ ଭାରିଆଂଟ ଓମିକ୍ରନ୍ ବିପଦକୁ ଦୃଷ୍ଟିରେ ରଖି ୱେଷ୍ଟର୍ଣ୍ଣ ରେଲ୍‌ୱେ ଏକ୍ସପ୍ରେସ ଟ୍ରେନର ଯାତ୍ରୀମାନଙ୍କୁ ଡିସପୋଜେବଲ୍ ଲାଇଲନ୍ ଯୋଗାଇବାକୁ ନିଷ୍ପତ୍ତି ନେଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଚାରୋଟି ଟ୍ରେନରେ ଆରମ୍ଭ ହୋଇଛି । ରେଳବାଇ ଦ୍ୱାରା ଦିଆଯାଇଥିବା ଏହି ଡିସପୋଜେବଲ୍ ଲାଇଲନ୍ ପ୍ୟାକେଟରେ ଏକ କମ୍ବଳ, ତକିଆ ଏବଂ ଏହାର ଆବରଣ, ଏକ ଚାଦର, ମାସ୍କ, ସାନିଟାଇଜର ଏବଂ ନାପକିନ୍ ରହିବ ।

ୱେଷ୍ଟର୍ଣ୍ଣ ରେଲ୍‌ୱେ ଅନୁଯାୟୀ, ଅଗଷ୍ଟ କ୍ରାନ୍ତି, ରାଜଧାନୀ ଏକ୍ସପ୍ରେସ, ଗୋଲଡେନ୍ ଟେମ୍ପଲ୍ ଏକ୍ସପ୍ରେସ ଏବଂ ପଶ୍ଚିମ ଏକ୍ସପ୍ରେସ ୪ଟି ଟ୍ରେନରେ ଏପରି ଡିସ୍‌ପୋଜେବଲ୍ ଲାଇଲନ୍ ଦିଆଯାଉଛି । ଏହି ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନେ ଏହି ଡିସ୍‌ପୋଜେବଲ୍ ଲାଇଲନ୍ ପ୍ୟାକେଟ୍ ମାତ୍ର ୧୫୦ ଟଙ୍କାରେ କିଣିପାରିବେ ।ରେଳବାଇ ଅନୁଯାୟୀ, କରୋନାର ନୂତନ ଭାରିଆଂଟର ସଂକ୍ରମଣ ଆଶଂକାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଏହା କେବଳ ଯାତ୍ରୀମାନଙ୍କ ଘରୁ ଜିନିଷପତ୍ର ଆଣିବାକୁ ଥିବା ବୋଝକୁ ହ୍ରାସ କରିବ ନାହିଁ, ବରଂ ସେମାନଙ୍କୁ ଘରୁ ଆଣିବାକୁ ଭୁଲିଯିବାର ଅସୁବିଧାର ସମ୍ମୁଖୀନ ହେବାକୁ ମଧ ଆଉ ପଡିବ ନାହିଁ । କେବଳ ଏତିକି ନୁହେଁ, ଯାତ୍ରା ଶେଷ ହେବା ପରେ ରେଳବାଇ ନିଜେ ଏହାକୁ ବ୍ୟବହାର କରୁଥିବା ଯାତ୍ରୀମାନଙ୍କଠାରୁ ଡିସ୍‌ପୋଜେବଲ୍ ଲାଇଲନ୍ ସଂଗ୍ରହ କରି ଡିସ୍‌ପୋଜ୍ କରିବ, ଯେଉଁ କାରଣରୁ କରୋନା ସଂକ୍ରମଣ ବିସ୍ତାର ହେବାର ଆଶଙ୍କା ରହିବ ନାହିଁ ।

# ସାବାସ୍ ନିରୀହ ପଶୁପକ୍ଷୀଙ୍କ ବନ୍ଧୁ କାହ୍ନା




ବଲାଙ୍ଗିର, (ନିପ୍ର) : ନିରୀହ ପଶୁପକ୍ଷୀଙ୍କ ବନ୍ଧୁ ସାଜିଛନ୍ତି କାହ୍ନା । ଆଜିର ଯାନ୍ତ୍ରିକ ସମୟରେ ମଣିଷ ପାଇଁ ମଣିଷ ଭିତରେ ଦରଜ ରହୁନଥିବା ବେଳେ ବିପଦରେ ପଡ଼ିଥିବା ପଶୁପକ୍ଷୀଙ୍କ ପାଇଁ କର୍ତ୍ତବ୍ୟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା କାହ୍ନା ଶତପଥୀ ଦେବଦୂତ ସାଜିଛନ୍ତି । ତାଲୁଫଟା ଖରାରେ ହେଉ କି ହାଡ଼ଭଂଗା ଶୀତରେ ହେଉ, ବେଳ ଅବେଳରେ ରାତି ଅଧରେ ବି କୌଣସି ପଶୁପକ୍ଷୀ ବଲାଙ୍ଗିର ସହର ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ି ରହିଥିଲେ ଖବର ପାଉ ପାଉ ପହଂଚି ଆସନ୍ତି କାହ୍ନା ନିଜ ଟିମ୍ ସହ । ଆବଶ୍ୟକ ଅନୁସାରେ ଯଥୋଚିତ ଚିକିତ୍ସା ପ୍ରଦାନ କରନ୍ତି ନିରୀହ ପଶୁପକ୍ଷୀଙ୍କୁ । ଯଦି ଅଧିକ ଚିକିତ୍ସା ଦରକାର ପଡ଼େ, ତେବେ ‘ଏନିମଲ୍ ରେସ୍‌କ୍ୟୁ ଭ୍ୟାନ୍’ ତୁରନ୍ତ ପହଂଚିଯାଏ । ଆହତ ପଶୁଙ୍କୁ ନିଜ ପାଖରେ ରଖି ସୁସ୍ଥ ହେବା ପର୍ଯ୍ୟନ୍ତ ଚିକିତ୍ସା କରିବା ପରେ ପୁଣି ତାକୁ ଛାଡ଼ି ଦିଅନ୍ତି କାହ୍ନା ।

ସୂଚନାଯୋଗ୍ୟ ଯେ, ବଲାଙ୍ଗିର ସହରରେ ମୁଖ୍ୟରାସ୍ତାଗୁଡ଼ିକରେ ଗାଈଗୋରୁ ମାଳ ମାଳ ବୁଲୁଥିବା ବେଳେ ଏମାନେ ଅଧିକ ପରିମାଣରେ ଦୁର୍ଘଟଣାର ଶିକାର ହୁଅନ୍ତି । ଏତିକି ବେଳେ ଗାଈଗୋରୁଙ୍କ ମାଲିକମାନେ ବି ପାଖ ମାଡ଼ନ୍ତିନାହିଁ । କିନ୍ତୁ ଖବର ପାଉ ପାଉ ପହଂଚି ଆସନ୍ତି କାହ୍ନା ତାଙ୍କ ଟିମ୍ ସହ ଓ ଆରମ୍ଭ କରି ଦିଅନ୍ତି ତୁରନ୍ତ ଚିକିତ୍ସା । ତେବେ କାହ୍ନା ତାଙ୍କର ଏଭଳି ହୃଦୟବାନ୍ କାମ ପାଇଁ ଅନେକ ସମ୍ମାନ, ସମ୍ବର୍ଦ୍ଧନାର ଅଧିକାରୀ ହୋଇପାରିଛନ୍ତି ।

## ସଂପାଦକୀୟ

# ଉର୍ଦ୍ଧ୍ୱମୁଖୀ ଅପରାଧ

କିଛି ଦିନ ହେଲା ବଲାଙ୍ଗିର ଜିଲ୍ଲାରେ ତଥା ବଲାଙ୍ଗିର ସହରରେ ଦିନକୁ ଦିନ ବଢ଼ିଚାଲିଛି ଅପରାଧୀଙ୍କ ଉତ୍ପାତ୍ । ବିଚ୍ ବଜାରରେ ଲୁଟ୍ ତରାଜ୍, ଗୁଣ୍ଡାଗର୍ଦ୍ଦି, ରାହାଜାନୀ ସହ ହତ୍ୟାକାଣ୍ଡ ଭଳି ଘଟଣା ଏକ ପ୍ରକାର ଲାଗିରହିଛି । ଅନ୍ୟପକ୍ଷରେ ସହରର ପ୍ରତ୍ୟେକ ଗଳି କନ୍ଦିରେ ମଦ, କଫ୍ ସିରପ୍ ତଥା ନିଶା କାରବାର ବେଧଡ଼କ୍ ଚାଲିଥିବା ବେଳେ ଜିଲ୍ଲାର ଅନ୍ୟ ସବୁ ଅଂଚଳରେ ମଧ୍ୟ ଏଭଳି ଅବସ୍ଥା ଲାଗି ରହିଛି ।

ବିଜ୍ଞଜନମାନେ କୁହନ୍ତି, ଅପରାଧୀର ମନରେ ଧରାପଡ଼ିଯିବାର ଭୟ ଉଜ୍ଜୀବିତ ହୋଇ ରହିଲେ, ଅପରାଧ କାର୍ଯ୍ୟକଳାପ ନିମ୍ନଗାମୀ ହୋଇଥାଏ । ଏହି ଭୟ ଅପରାଧୀର ମନରେ ସୃଷ୍ଟି କରେ କନା ପ୍ରଶାସନିକ ବ୍ୟବସ୍ଥା । କିନ୍ତୁ ପ୍ରଶାସନିକ ବ୍ୟବସ୍ଥାରେ ନାନା ପ୍ରକାର ଅନିୟମିତତା ସହ ତୃଟି ରହିଲେ, ଅପରାଧର ମନରେ ଧରାପଡ଼ିଯିବାର ଭୟ ରହେନାହିଁ ଓ ଏଥିପାଇଁ ସମାଜରେ ଉର୍ଦ୍ଧ୍ୱମୁଖୀ ହୁଏ ଅପରାଧ । ଏହି ଦୃଷ୍ଟିକୋଣରେ ଦେଖିବାକୁ ଗଲେ ପ୍ରଶାସନିକ ବ୍ୟବସ୍ଥାରେ ନାନା ଅବ୍ୟବସ୍ଥା ତଥା ଅନିୟମିତତାକୁ ଅଣଦେଖା କରାଯାଇ ନପାରେ ।

ସେ ଯାହା ବି ହେଉ, ଏବେ କିନ୍ତୁ ବଲାଙ୍ଗିର ପୋଲିସ ସଚେତନ ହୋଇଛି ଏ ଦିଗରେ । ସ୍ୱତନ୍ତ୍ର ଟିମ୍ ଗଠନ କରି ଏବେ ସହରରେ ଅପରାଧ ଦମନ ପାଇଁ ଅଂଟା ଭିଡ଼ିଛି, ଯାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ । ସିପ୍ଟ ୱାଇଜ୍ ଘାଇଁ ଘାଇଁ ପଇଁତରା ମାରି ଅପରାଧୀଙ୍କ ମନରେ ଛନକା ସୃଷ୍ଟି କରିଛି । ସ୍କୁଲ, କଲେଜ ଆଖପାଖରେ ମଧ୍ୟ ସ୍ୱତନ୍ତ୍ର ଲେଡ଼ିଜ୍ ପୋଲିସ ସ୍କୁଟିରେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି, ଯାହାଫଳରେ ଷ୍ଟ୍ରିଟ୍ ରୋମିଓମାନଙ୍କ ପାଇଁ ଆଶଙ୍କା ସୃଷ୍ଟି ହେଉଥିବା ଅନୁମାନ କରାଯାଉଛି । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି, ପୁଲିସ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ କେତେଦିନ ବଳବତ୍ତର ରହିବ । ଏହା ପଦକ୍ଷେପ ଯଦି ଦୀର୍ଘ ସମୟ ଯାଏଁ ଚାଲେ, ତେବେ ସୁଫଳ ତ’ ନିଶ୍ଚୟ ମିଳିବ । ଏଥିପ୍ରତି ପୋଲିସ ପ୍ରଶାସନ ମୁଖ୍ୟ ବିଶେଷ ଦୃଷ୍ଟି ଦେବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି ।

## ବଡ଼ମାଲ ବନ ବିଭାଗ ..... (ପ୍ରଥମ ପୃଷ୍ଠାରୁ)

ବନବିଭାଗ ଅଧିକାରୀ ପୁଷ୍ପାଞ୍ଜଳି ପୋଢ଼ ସୂଚନା ଦେଇଛନ୍ତି । ଜବତ ହୋଇଥିବା କାଠରେ ଆନୁମାନିକ ମୂଲ୍ୟ ୬୦ହଜାର ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି । ଏଥିରେ ନାଗ ହରପାଲ, ନୁପୁର ଜାଲ, ନିଳାଂଚଳ ମାଝୀ, ଭଗବାନ ମାଝୀ, ସୋମନାଥ ମାଝୀ, ବିଦ୍ୟାଧର ବୁଡେକ ପ୍ରମୁଖ ବନ କର୍ମଚାରୀ ସାମିଲ ହୋଇଥିଲେ ।

## ସହରରେ ଅପରାଧ ରୋକିବା ପାଇଁ ବଲାଙ୍ଗିର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ : ଘାଇଁ ଘାଇଁ ପଇଁତରା ମାରୁଛି ପୋଲିସ୍ ଟିମ୍

ବଲାଙ୍ଗିର, (ନିପ୍ର) : ସହରରେ ଅପରାଧ ରୋକିବା ପାଇଁ ବଲାଙ୍ଗିର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିବା ବେଳେ ଘାଇଁ ଘାଇଁ ପଇଁତରା ମାରୁଛି ପୋଲିସ୍ ଟିମ୍ । ସୂଚନାଯୋଗ୍ୟ ଯେ, ସହରରେ ବଢୁଥିବା ଅପରାଧିକ କାର୍ଯ୍ୟକଳାପକୁ ଜଗିବା ପାଇଁ ବଲାଙ୍ଗିର ଜିଲ୍ଲା ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇଛି । ସେଥିପାଇଁ ବଲାଙ୍ଗିର ସହରକୁ ୯ ଗୋଟି ଜୋନ୍‌ରେ ଭାଗ କରାଯାଇଛି । ଏଥି ସହିତ ପୋଲିସ ପେଟ୍ରୋଲିଂ ଜୋର୍‌ଦାର୍ ଚାଲିଛି । ପ୍ରତି ଜୋନକୁ ଗୋଟିଏ ଲେଖାଏଁ ବାଇକ୍ ପେଟ୍ରୋଲିଂ ପାଇଁ ଦିଆଯାଇଥିବା ବେଳେ ୯ ଟି ଜୋନ୍‌କୁ ୫ ଗୋଟି ବୋଲେରୋ ଗାଡ଼ି ପେଟ୍ରୋଲିଂ ପାଇଁ ବ୍ୟବସ୍ଥା କରାଯାଇଛି । କେବଳ ଏତିକି ନୁହେଁ, ସହରରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଜଣେ ଡିଏସପିଙ୍କ ସମେତ, ସଦର ଏସଡିପିଓ ତୋଫାନ ବାଗ, ଟାଉନ ଥାନା ଅଧିକାରୀ କେ.ପ୍ରିୟଙ୍କା ରାଉତରାୟ ତଦାରଖ କରୁଛନ୍ତି ଏହି ସ୍ୱତନ୍ତ୍ର ଅଭିଯାନର । ବଢୁଥିବା ଅପରାଧିକ କାର୍ଯ୍ୟକଳାପକୁ ଜଗିବା ପାଇଁ ୭ ଜଣ ଅଫିସରକୁ ଦାୟିତ୍ୱ ଦିଆଯାଇଛି । ଏଥିପାଇଁ ପାଖାପାଖି ଦେଢ଼ ପ୍ଲାଟୁନ ପୋଲିସ ଫୋର୍ସ ନିଯୁକ୍ତି କରାଯାଇଛି । ସ୍ୱତନ୍ତ୍ର ଟିମ୍ ସନ୍ଧ୍ୟା ସମୟରୁ ଭୋର ସକାଳ ସମୟ ପ୍ରଯ୍ୟନ୍ତ ସହରରେ ପେଟ୍ରୋଲିଂ କରି ଚୋରି, ଡକାୟତି, ନିଶା କାରବାର ଆଦିକୁ ନିୟନ୍ତ୍ରଣ କରିବେ ବୋଲି ଏସଡ଼ିପିଓ ତୋଫାନ ବାଗ ସୂଚ଼ନା ଦେଇଥିଲେ ।

## ସରପଞ୍ଚ ମନରେଗା କାମର ଫାଇଲ୍‌କୁ ଲୁଚାଇ ଶ୍ରମିକଙ୍କୁ ପ୍ରାପ୍ୟ ଦେଉନଥିବା ଅଭିଯୋଗ

ତୁରେକେଲା, (କୈଳାଶ ସଗ୍ରିଆ) : ସରପଞ୍ଚ ମନରେଗା କାମର ଫାଇଲ୍‌କୁ ଲୁଚାଇ ଶ୍ରମିକଙ୍କୁ ପ୍ରାପ୍ୟ ଦେଉ ନଥିବା ଅଭିଯୋଗ କରିଛନ୍ତି ବିଡ଼ିଓଙ୍କ ପାଖରେ ମନରେଗା କାମ କରି ପାଉଣା ପାଇନଥିବା ଶ୍ରମିକମାନେ । ଅଭିଯୋଗ ଅନୁସାରେ ତୁରେକେଲା ବ୍ଲକ ଅନ୍ତର୍ଗତ ଢୋଲମାନ୍ଦର ଗ୍ରା.ପ. ଅନ୍ତର୍ଗତ ବାହାବଲ ଗ୍ରାମର ପ୍ରାୟ ୧୦୦ ଜଣ ଜବ୍‌କାର୍ଡଧାରୀ ଅଣକୁଶଳୀ ଶ୍ରମିକମାନେ ବାହାବଲର ଡୁଙ୍ଗୁରି ଟ୍ୟାଙ୍କ କାମ କରିଥିଲେ । କିନ୍ତୁ ସେମାନଙ୍କୁ ୬ ମାସ ହେଲା ସେମାନଙ୍କ ପ୍ରାପ୍ୟ ମିଳିନାହିଁ । ପାଉଣା ପାଇଁ ଜିଆର୍‌ଏସ୍ ମହେନ୍ଦ୍ର ଧରୁଆଙ୍କୁ କହିଲେ, ସରପଞ୍ଚ ବିଶ୍ୱମିତ୍ ଛତ୍ରିଆ ଫାଇଲ୍ ନେଇ ଯାଇଥିବା ଜିଆର୍‌ଏସ୍ କହୁଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ସରପଞ୍ଚଙ୍କ ହୀନ ଚକ୍ରାନ୍ତରେ ସେମାନେ ପାଉଣା ପାଇବାରୁ ବଂଚିତ ହୋଇଥିବା ଅଭିଯୋଗ କରିଥିବା ବେଳେ ତାଙ୍କୁ ତୁରନ୍ତ ତାଙ୍କ ପ୍ରାପ୍ୟ ପ୍ରଦାନ କରାଯିବାକୁ ତୁରେକେଲା ବିଡ଼ିଓ ଦେବାଶିଷ ସାମଲ୍‌ଙ୍କ ପାଖରେ ଦାବୀ କରିଛନ୍ତି ।

## ଆଇନ ମହାବିଦ୍ୟାଳୟର ଦ୍ୱିଦିବସୀୟ ଆଲୋଚନା ଚକ୍ର ଉଦ୍‌ଯାପିତ : ଆଇନ ଏକ ଶୃଙ୍ଖଳିତ ବ୍ୟବସ୍ଥା, ଆଇନ ନରହିଲେ ପୃଥିବୀ ଧ୍ୱଂସ ହେବ - ଡଃ ସିଂହ



ରାଉରକେଲା, (ନିପ୍ର) : ଆଇନ ଏକ ଶୃଙ୍ଖଳିତ ବ୍ୟବସ୍ଥା । ଆଇନ ନରହିଲେ ପୃଥିବୀ ଧ୍ୱଂସ ହେବ ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡିଆ ଆବାହକ ଡଃ ବିଜୟାନନ୍ଦ ସିଂହ କହିଛନ୍ତି । ରାଉରକେଲା ଆଇନ ମହାବିଦ୍ୟାଳୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ ଆଲୋଚନା ଚକ୍ରର ଦ୍ୱିତୀୟ ଦିନରେ ‘ଓଡିଆ ସାହିତ୍ୟରେ ଆଇନ ଚର୍ଚ୍ଚା’ ସଂପର୍କରେ ଆଲୋଚନା କରି ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି ଡଃ ସିଂହ । ମହାବିଦ୍ୟାଳୟର ଅଧକ୍ଷ ଡଃ ଦେବେନ୍ଦ୍ର ନାଥ ବେହେରାଙ୍କ ସଭପତିତ୍ୱ ଓ ରଂଜିତା ମାଝୀଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନା ଚକ୍ରର ପ୍ରଥମ ଅଧିବେଶନରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡିଆ ଆବାହକ ଡଃ ବିଜୟାନନ୍ଦ ସିଂହ ଅଧକ୍ଷତା କରିଥିବା ବେଳେ ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର ଡଃ ସୀମାଂଚଳ ପାଣିଗ୍ରାହୀ ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଯୋଗଦେଇଥିବା ବେଳେ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ ସମ୍ବଲପୁର ଆଇନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡଃ ବିଜୟାନନ୍ଦ ବେହେରା । ଏକାଡେମୀ, କଲିକତାର ଆଂଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ବିଶିଷ୍ଟ ସମାଲୋଚକ ଡଃ ପ୍ରଦୀପ କୁମାର ପଣ୍ଡା ମଂଚାସୀନ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ପ୍ରଫେସର ଡଃ ପାଣିଗ୍ରାହୀ ତାଙ୍କ ଅଭିଭାଷଣରେ କହିଲେ ଯେ, ଆଇନ ବିଦ୍ୟାକୁ ଓଡିଆ ଭାଷାରେ ଲେଖାଗଲେ ତାହା ସୁଦୂର ପ୍ରସାରୀ ହୋଇପାରିବ ଓ ସମସ୍ତଙ୍କ ପାଇଁ ବୋଧଗମ୍ୟ ହୋଇପାରିବ । ଓଡିଆ ଭାଷାରେ ନ୍ୟାୟ ମିଳିଲେ ତାହା ସର୍ବୋତ୍କୃଷ୍ଟ ଓ ସର୍ବୋତ୍ତମ ହୋଇପାରିବ । ଚିନ୍ତାର ବ୍ୟାପକ ନହେଲେ ଭାଷା ଆସିବ ନାହିଁ । ଭିତ୍ତିପ୍ରବନ୍ଧ ଉପସ୍ଥାପନ କରି ପ୍ରଫେସର ଡଃ ବେହେରା କହିଲେ ଯେ, ଧ୍ୱନୀ ମଧ ଏକ ସାହିତ୍ୟ । ଆଇନର ଗଣ୍ଡି ମଧରେ ରହୁଥିବା ସମସ୍ତଙ୍କୁ ଆଇନ ସଂପର୍କରେ ଜାଣିବାକୁ ପଡିବ । ଭାଷା ହେଉଛି ଭାବ, ଆବେଗ, ଆତ୍ମିକ ଓ ଆଙ୍ଗିକର ସମନ୍ୱୟ । ଆଇନକୁ ସମୃଦ୍ଧ କରିବାରେ ଓଡିଆ ସାହିତ୍ୟର ଅବଦାନ ଅନେକ ।

ଅଧକ୍ଷତା କରି ଡଃ ସିଂହ କହିଲେ ଯେ, ଭାଷାକୁ ବ୍ୟକ୍ତ କରିବା ପାଇଁ ମାତୃଭାଷା ଅପରିହାର୍ଯ୍ୟ । ଜୀବନର କଥା କୁହେ ସାହିତ୍ୟ । ଆଇନ ଜୀବନକାଳ ସହ ଜଡିତ । ନ୍ୟାୟର ଏକ ସାର୍ଥକ ରୂପକାର ହେଉଛି ସାହିତ୍ୟ । ମହାବିଦ୍ୟାଳୟର ଅଧକ୍ଷ ଡଃ ବେହେରା ଅତିଥିମାନଙ୍କ ପରିଚୟ ଦେବାସହ ସଭାପତିତ୍ୱ ଅଭିଭାଷଣରେ କହିଲେ ଯେ, ସମାଜ ଗଠନ ପରଠାରୁ ସାହିତ୍ୟ ମିଶିଛି । ସାହିତ୍ୟ ଆସିବା ପରେ ଆଇନ ଆସିଛି । ତେଣୁ ସାହିତ୍ୟକୁ ସମାଜ କି ସମାଜକୁ ଆଇନ ଛାଡିପାରିବ ନାହିଁ । ତେଣୁ ସମାଜ, ସାହିତ୍ୟ ଓ ଆଇନ ପରସ୍ପରର ପରିପୂରକ । ପ୍ରଥମ ଅଧିବେଶନରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଡଃ ସମ୍ପାଦିକା ମହାନ୍ତି । ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ଭୂପେନ ମହାପାତ୍ରଙ୍କ ଅଧକ୍ଷତାରେ ଶାନ୍ତି ନିକେତନର ପ୍ରାଧାପକ ରବିନ୍ଦ୍ର କୁମାର ଦାସ ଗଳ୍ପ, କବିତା, ସାହିତ୍ୟରେ ଆଇନ ଚର୍ଚ୍ଚା ଓ ଡିଏଭି ସରକାରୀ ମହିଳା ମହାବିଦ୍ୟାଳୟର ନାଟ୍ୟକାର ଅଧାପକ ଡଃ ସଂଜୟ ହାତୀ ନାଟକରେ ଆଇନ ଚର୍ଚ୍ଚା ସଂପର୍କରେ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ । ଉଭୟ ଆଲୋଚକ ଗଳ୍ପ, କବିତା, ସାହିତ୍ୟ ଓ ନାଟକରେ କିପରି ଆଇନ ପର୍ଯ୍ୟବେଶିତ ହୋଇଛି ସେ ବାବଦରେ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ । ତୃତୀୟ ଅଧିବେଶନରେ ଡଃ ପ୍ରଭାତ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ନୀଳଶୈଳ ମହାବିଦ୍ୟାଳୟର ଅଧାପକ କମଳ ମହନ୍ତ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପିକା ଡଃ ସୁଚିତ୍ରା ମହାନ୍ତି ଓ ଅବସରପ୍ରାପ୍ତ ପ୍ରଫେସର ଡଃ ରୁକ୍ମଣୀ ସାହୁ ନିଜର ପେପର ମାଧମରେ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ମହାବିଦ୍ୟାଳୟର ସୁଶ୍ରୀ ସଂଗୀତା ଦାଶ, ସ୍ୱାଗତିକା ନାୟକ, ଲିପ୍‌ସାରାଣୀ ପୃଷ୍ଠେଠ, ସୁଚିତ୍ରା ସାହୁ, ଅଂଚଳ ପ୍ରଧାନ, ମାନସୀ ସା ପ୍ରମୁଖ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ସୁଶ୍ରୀ କରିସ୍ମା ପ୍ରଧାନ ଓ ସୁଶ୍ରୀ କିରଣ ସିଂହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଡଃ ରୁକ୍ମଣୀ ସାହୁଙ୍କ ପୁସ୍ତକ ‘ହେ ସାରଥୀ ରଥ ବାହିନିଅ’ ଓ ନିରଞ୍ଜନ ନେକାପଙ୍କ ‘ଜଗତଜନନୀ ଶାରଳା’ ପୁସ୍ତକକୁ ଅତିଥିଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓ ଆଲୋଚନାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ମହାବିଦ୍ୟାଳୟର ଶିବଶ୍ରୀ ପ୍ରସାଦ ଘଡେଇ, ବିଦ୍ୟାବତୀ ବାଘ, ସୌମ୍ୟରଂଜନ ମହାକୁଡ, ଅମନ ରାୟ, ଅଞ୍ଜନ ପୁରଣ, ଅନୀତା କୁମାରୀ, ଅରୁପା ପାଂଡେ, କୁଳଭୂଷଣ, ଲିପ୍‌ସା ପଟେଲ, ସୁସ୍ମିତା ଦ୍ୱିବେଦୀ, ସୀମା ଓ ମହାବିଦ୍ୟାଳୟର ଅଧାପିକା ପ୍ରଜ୍ଞା ପରମିତା ପଣ୍ଡା, ଅଧାପକ ତନ୍ମୟ ରାଜ ପାଢୀ, ଡଃ ଦିବ୍ୟେନ୍ଦୁ କୁମାର ପଣ୍ଡା, ସୁଜାତା ନାୟକ, ଦେବାଶିଷ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଅକ୍ଷୟ କୁମାର ଦାସ, ଅଜୟ ପାଣିଗ୍ରାହୀ, ନନ୍ଦ କିଶୋର ମହନ୍ତ, ହୃଦୟ ରଂଜନ ମହନ୍ତ, ଆୟୁଷ୍ମାନ ସାହୁ, ଦେବକୀ କାରୁଆ, ରାମ ବଣିଆ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ରେସହରର ବହୁ ବିଜ୍ଞ, ପ୍ରାଜ୍ଞ, ସାହିତ୍ୟିକ, କବି, ସାମ୍ବାଦିକ, ସମାଲୋଚକ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ଅଧକ୍ଷ ଡଃ ବେହେରା ଓ ସାହିତ୍ୟ ଏକାଡେମୀର ଡଃ ସିଂହ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ ।

# ନବବର୍ଷ-୨୦୨୨କୁ ସ୍ୱାଗତ ସ୍ୱରୂପ ଦୈନିକ ଆଶା ମୁଦ୍ରଣ ପ୍ରକାଶନ ପୁନଃ ଆତ୍ମପ୍ରକାଶ କରିବ

## ଏ ବର୍ଷର ଦ୍ୱିତୀୟ ବନ୍ଧୁମିଳନ ସମାରୋହରେ ଉଦ୍ୟକ୍ତାଙ୍କ ମତପ୍ରକାଶ



ବ୍ରହ୍ମପୁର, (ନିପ୍ର) : ବ୍ରହ୍ମପୁରରୁ ପ୍ରକାଶ ପାଉଥିବା ଓଡ଼ିଶାର ସର୍ବପୁରାତନ ପ୍ରତିଷ୍ଠିତ ଦୈନିକ ଖବରକାଗଜ 'ଦୈନିକ ଆଶା' ଚଳିତ ନବବର୍ଷ-୨୦୨୨ ଅବସରରେ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା ନେଇ ଓଡ଼ିଶାବାସୀଙ୍କ ନିକଟରେ ପହଞ୍ଚିବ । ଏନେଇ ଏକ ବନ୍ଧୁମିଳନ ସମାରୋହ ଏହି ବର୍ଷର ଶେଷ ଆସର ଭାବେ ରବିବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବନ୍ଦନୀୟା ମା'ତାରାତାରିଣୀଙ୍କ ଚରଣ ତଳେ ପ୍ରଣତି ଜଣାଇବା ସାଂଗକୁ କର୍ମବୀର ବୃନ୍ଦାବନ ନାୟକଙ୍କ ସ୍ମୃତିଚାରଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭା ଆରମ୍ଭ ହୋଇଥିଲା । 'ଦୈନିକ ଆଶା'ର ମୁଖ୍ୟ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ସ୍ୱାଗତ ସମ୍ଭାଷଣ ଦେଇ ଓଡ଼ିଶାର ପ୍ରମୁଖ ଜିଲ୍ଲାରୁ ଆସିଥିବା ପ୍ରତିନିଧି/ସାମ୍ବାଦିକଙ୍କୁ ପ୍ରସଂଶା କରି ସାଧୁବାଦ ଜଣାଇଥିଲେ ଏବଂ ନୂତନ କଳେବର ପାଉଥିବା ପତ୍ରିକା ନିମନ୍ତେ ସହଯୋଗ କାମନା କରିଥିଲେ । 'ଦୈନିକ ଆଶା'ର ପ୍ରସାର ଓ ସମୃଦ୍ଧିଶାଳୀ କରିବା ନିମନ୍ତେ ପ୍ରତିନିଧିମାନେ ସକ୍ରୀୟ ହେବାକୁ ଟ୍ରଷ୍ଟ-ବୋର୍ଡ଼ର ଅଧକ୍ଷ ଭଗବାନ ଗନ୍ତାୟତ ଆହ୍ୱାନ କରିଥିଲେ । ଏହି ଖବର କାଗଜର ମୁଦ୍ରଣ ପ୍ରକାଶନ ପୁନଃ-ସଂସ୍ଥାପନ ହେବା ସାଂଗକୁ ୱେବସିରିଜର ଅଗ୍ରଗତି ମଧ ଦ୍ରୁତଗତିରେ ଚାଲିବ ବୋଲି କହିଥିଲେ । ଏଥିପାଇଁ ସମସ୍ତ ପ୍ରତିନିଧିମାନଙ୍କ ପୂର୍ଣ୍ଣ ସହଯୋଗ କମାନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ଦାଶ୍ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରଭାକର ସାହୁ ପରିଚାଳନା କରିଥିଲେ । ବରିଷ୍ଠ ସାମ୍ବାଦିକ ତଥା ଗଞ୍ଜାମ ଜିଲ୍ଲା ସଂଯୋଜକ କେ.ସତ୍ୟନାରାୟଣ ରେଡ୍ଡୀ ପତ୍ରିକାର ଗାରିମା ସମ୍ପର୍କରେ ଉପସ୍ଥାପନା କରିଥିଲେ । ଅତଃ- ଦକ୍ଷିଣ ଓଡ଼ିଶାର ମୁଖପତ୍ର ରୂପେ ବିଚ୍ଛିନାଞ୍ଚଳରୁ ବିବିଧ ସମସ୍ୟାକୁ ସାମ୍ନା କରି ଆସି ୧୯୧୩ ମସିହାରେ ଲୋକପ୍ରାଣ ଶଶୀଭୂଷଣ ରଥଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୮୨ ମସିହାରେ କର୍ମବୀର ବୃନ୍ଦାବନ ନାୟକଙ୍କ ସଂସ୍ଥାପନାରେ ପୁନଃ-ପ୍ରତିଷ୍ଠା ଲାଭ କରିଥିବା ଏହି ଖବର ପ୍ରକାଶନ ବିଭିନ୍ନ ଘାତ ପ୍ରତିଘାତ ମଧ୍ୟରେ ପ୍ରଚଳିତ ହୋଇ ସୁପ୍ତ ଅବସ୍ଥାରେ ପହଞ୍ଚିଥିଲା । ଅଧୂନା କୋରନା ମହାମାରୀ କାଳରେ ଲୋକଙ୍କ ନିକଟରେ ଡିଜିଟାଲ ମାଧ୍ୟମରେ ଖବର ପହଞ୍ଚାଇବା ନିମନ୍ତେ ଦୈନିକ ଆଶା ୱେବ-ମିଡ଼ିଆ ମାଧ୍ୟମରେ ଏବେ ସକ୍ରୀୟ ହୋଇଉଠିଛି । ଏହାର ପୁନଃ-ସଂସ୍କରଣ ନୂତନ ରୂପରେଖ ନେଇ ଦୈନିକଆଶାର ମୁଦ୍ରଣ ପ୍ରକାଶନ ଆତ୍ମ-ପ୍ରକାଶ ଲାଭ କରୁଥିବା ଶୁଣି ବ୍ରହ୍ମପୁର ସହରର ବୁଦ୍ଧିଜୀବୀଙ୍କ ମହଲରେ ଆଶା ଓ ଖୁସିର ଲହରୀ ଆଣିଦେଇଛି । ସାହିତ୍ୟିକ, କବି, ସଂସ୍କୃତିପ୍ରେମୀ, ସାରସ୍ୱତ ଧର୍ମୀ-ବ୍ୟକ୍ତି ବିଶେଷ୍ୟ, ସମାଜସେବୀ, ସାମ୍ବାଦିକ, ଓକିଲ, ରାଜନୈତିକଙ୍କ ମହଲରେ ନିଜସ୍ୱ ମତ ସ୍ୱରୂପ ଲୋକଙ୍କ ସ୍ୱର ସରକାରଙ୍କଠାରେ ପହଞ୍ଚିବ ବୋଲି ସମସ୍ତେ ଖୁସିବ୍ୟକ୍ତ କରିଛନ୍ତି । ଏହାକୁ ଦୈନିକଆଶାର ଶୁଭେଚ୍ଛୁକ, ପ୍ରତିନିଧି, ଖବରଦାତା, ବିଜ୍ଞାପନଦାତା, ଏଜେଣ୍ଟ, ବନ୍ଧୁମାନଙ୍କୁ ସଂସ୍ଥାର ଉଦ୍ୟକ୍ତା/ମୁଖ୍ୟ ଶୁଭକାମନା ଜଣାଇଛନ୍ତି ।

# ନିରୁପମା ନାୟକ ଓ ଦୁଷ୍ମନ୍ତ ନାୟକ ପାଇଲେ ଜ୍ଞାନଗୁରୁ ସମ୍ମାନ



ରାଉରକେଲା, (ନିପ୍ର) : ସଂସାର ଜ୍ଞାନମୟ । ଜ୍ଞାନର ପ୍ରଦୀପରେ ଏ ଜଗତ ହୁଏ ଆଲୋକିତ । ଏହି ଜ୍ଞାନରୂପୀ ମହୋଦଧିରେ ସନ୍ତରଣ କରିବା ପାଇଁ ଆବଶ୍ୟକ ହୁଏ ଜ୍ଞାନଗୁରୁଙ୍କ ଆଶୀର୍ବାଦ । ବହୁଳ ପ୍ରସାରିତ ପାର୍ଥନା ଟେଲିଭିଜନ ଚ୍ୟାନେଲରେ ହେଉଥିବା ଜ୍ଞାନଗୁରୁ କାର୍ଯ୍ୟକ୍ରମରେ ରାଉରକେଲା ସେକ୍ଟର ୧୭ସ୍ଥିତ ମଧୁସୂଦନ ଶିକ୍ଷା ନିବାସର ଶିକ୍ଷୟିତ୍ରୀ ନିରୁପମା ନାୟକ ଓ ତାଙ୍କ ସ୍ୱାମୀ ଦୁଷ୍ମନ୍ତ ନାୟକ ଯୋଗଦେଇ ଜ୍ଞାନଗୁରୁ ଉପାଧି ଲାଭ କରି ରାଉରକେଲାର ଗୌରବ ବଢାଇଛନ୍ତି । ସଂଯୋଜକ ଅଭିନେତା ପୁପିନ୍ଦରଙ୍କ ସମସ୍ତ ପ୍ରଶ୍ନର ସଠିକ ଉତ୍ତର ଦେଇ ଉଭୟ ଏହି ଜ୍ଞାନଗୁରୁ ଉପାଧି ଲାଭ କରିବା ସହ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡାଙ୍କଠାରୁ ଉପହାର ଓ ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ସଫଳତା ପରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତାମାନ ମିଳିବାରେ ଲାଗିଛି ।

# ଐତିହାସିକ ପୋତାଗଡ଼ ପରିଦର୍ଶନ କଲେ ଜିଲ୍ଲାପାଳ : ବିଶ୍ରାମାଗାର ଓ ଶୌଚାଳୟ ଉପରେ ଗୁରୁତ୍ୱାରୋପ



ଗଞ୍ଜାମ, (ନିପ୍ର) : ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ଗୁରୁବାର ଅପରାହ୍ନରେ ଗଞ୍ଜାମ ସହରସ୍ଥିତ ଐତିହାସିକ ପୋତାଗଡ଼ ଦୁର୍ଗ ପରିଦର୍ଶନ କରିଥିଲେ । ଉପଜିଲ୍ଲାପାଳ ନୀଳମାଧବ ଭୋଇ, ତହସିଲଦାର ଅରୁଣ କୁମାର ନାୟକ, ଏନଏସି ଇଓ ରୋନିତ କୁମାର, ଗ୍ରାସୀମ ଲୋକ ସମ୍ପର୍କ ସୂଚନା ଅଧିକାରୀ ହେଡ଼ ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଯାତ୍ରୀମାନଙ୍କ ଭ୍ରମଣ ନିମନ୍ତେ ଗଞ୍ଜାମ ଦର୍ଶନ ସିଟି ବସ ଚଳାଚଳ କରିବାକୁ ଜିଲ୍ଲା ପ୍ରଶାସନ ଲକ୍ଷ ରଖିଛି । ଏଥିପାଇଁ ଏହି ଐତିହାସିକ ପୋତାଗଡ଼ଠାରେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିମନ୍ତେ ଜିଲ୍ଲାପାଳ ପ୍ରାଥମିକତା ଦେଇଛନ୍ତି । ସଫା ସୁତାର ରଖିବାକୁ ଚାରୋଟି ଘାସକଟା ମେସିନଦ୍ୱାରା ସବୁଦିନ ସଫେଇ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

ଏଥିସହିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବୋଟିଂ କ୍ଲବ, ଶିଶୁ ଉଦ୍ୟାନ, ବରିଷ୍ଠ ନାଗରିକମାନଙ୍କ ପ୍ରାତଃ ଭ୍ରମଣ ପାଇଁ ସମସ୍ତ ସୁବିଧା, ଅତ୍ୟାଧୁନିକ ଆଲୋକିକରଣ ଆଦି ନିର୍ମାଣ କାର୍ଯ୍ୟପାଇଁ ଖୁବ ଶୀଘ୍ର ବ୍ଲୁ ପ୍ରଣ୍ଟ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି । ସେ ଦାୟିତ୍ୱ ନିଜେ ଜିଲ୍ଲାପାଳ ନେବେ ବୋଲି ସୂଚନା ମିଳିଛି । ସୂଚନା ଯୋଗ୍ୟ ଯେ, ଗଞ୍ଜାମ ଦର୍ଶନରେ ପର୍ଯ୍ୟଟନ ସ୍ଥଳୀ ପୋତାଗଡ଼ ଅନ୍ତର୍ଭୁକ୍ତ ଥିବା ଯୋଗୁ ସ୍ଥାନୀୟ ଅଂଚଳବାସୀ ଜିଲ୍ଲାପାଳଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି । ଏଥିସହ ପାଣିପାଗ ବିଭାଗ ଆଗୁଆ ସୂଚନା ଅନୁଯାୟୀ ୪, ୫ ତାରିଖରେ ହେବାକୁ ଥିବା ବାତ୍ୟାକୁ କିପରି ମୁକାବିଲା କରିପାରିବା ସେ ନେଇ ସ୍ଥାନୀୟ ଅଂଚଳର ଯୁବ ବ୍ୟକ୍ତିତ୍ୱ ସୁଧୀର କୁମାର ପାଢ଼ୀ, ରାକେଶ ରଞ୍ଜନ ଦାସ, ମନୋଜ କୁମାର ପ୍ରଧାନଙ୍କ ସହ ଉପଜିଲ୍ଲାପାଳ ଆଲୋଚନା କରିଥିଲେ ।

# ସର୍ବଭାରତୀୟ କରାଟେରେ ଟିଟିଲାଗଡ଼ ୪୬ ଓ ସଇଁନ୍ତଲା ୩ ପଦକ ହାସଲ

ସଇଁନ୍ତଲା, (ନିପ୍ର) : ରାଜଧାନୀ ଭୁବନେଶ୍ୱରରେ ଉତ୍କଳ କରାଟେ ସ୍କୁଲଠାରେ ସର୍ବଭାରତୀୟ କେରାଟେ ଚାମ୍ପିୟାନସିପ୍ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ବାଳକ ଓ ବାଳିକା ମିଶି ୬ ଶହରୁ ଅଧିକ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ତେବେ ସଇଁନ୍ତଲା ଉତ୍କଳ କରାଟେ ସ୍କୁଲର ୭ ଜଣ ଅଂଶ ଗ୍ରହଣ କରିଥିବା ବେଳେ ୩ ଜଣ ପଦକ ହାସଲ କରିଛନ୍ତି । ରାଜ ଅଗ୍ରୱାଲ (ରୋପ୍ୟ), ଜନବୀ ମେହେର (ବ୍ରୋଞ୍ଜ), ଏକଲବ୍ୟ ନାଗ (ବ୍ରୁଚ) ପଦକ ହାସଲ କରିଛନ୍ତି । ପ୍ରତିଯୋଗୀମାନଙ୍କୁ ପ୍ରଶିକ୍ଷକ ମୁକେଶ କୁମାର ସାହୁଙ୍କ ଆନୁକୂଲ୍ୟରେ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରି ପଦକ ହାସଲ କରିଛନ୍ତି । ବିଜୟୀ ପ୍ରତିଯୋଗୀମାନଙ୍କୁ ସାମ୍ବାଦିକ ତରୁଣ ବେହେରା, ପୁର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସଇଁନ୍ତଲା ସାମ୍ବାଦିକ ସଂଘ ସଭାପତି ଦେବେନ୍ଦ୍ର ଯୋଶୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ସେହିପରି ଟିଟିଲାଗଡ଼ ଉତ୍କଳ କରାଟେ ସ୍କୁଲର ୨୦ ଜଣ ବାଳିକା ଓ ୩୦ ଜଣ ବାଳକ ପ୍ରତିଯୋଗୀ ଅଂଶ ଗ୍ରହଣ କରି ୬ ଗୋଟି ସ୍ୱର୍ଣ୍ଣ ପଦକ, ୧୧ ଗୋଟି ରୌପ୍ୟ, ୨୯ ଗୋଟି ତାମ୍ର ପଦକ ସହ ମୋଟ ୪୬ ଗୋଟି ପଦକ ହାସଲ କରିଛନ୍ତି । ବିଜୟୀ ପ୍ରତିଯୋଗୀମାନଙ୍କୁ ଟିଟିଲାଗଡ଼ ସହରର ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ୱାଗତ କରାଯାଇଥିଲା ।

# ବଣୁଆ ହାତୀଙ୍କ ଉତ୍ପାତରେ ଲୋକେ ଆତଙ୍କିତ



ତୁରେକେଲା, (ନିପ୍ର) : ବଡବାଙ୍କି ଗ୍ରା.ପ. ଅନ୍ତର୍ଗତ ଚ଼ଚ଼ରାମୁଣ୍ଡା (ବଡକେନ୍ଦୁ), ଜାମକି, ତୁରେକେଲା ଗ୍ରା.ପ. ଅନ୍ତର୍ଗତ ବଗବାହାଲ, କମେଇମୁଣ୍ଡା ଗ୍ରା.ପ. ଅନ୍ତର୍ଗତ ପଣ୍ଡରେନ୍, ଗୋଦରାମୁଣ୍ଡା ଗାଁ ଗୁଡ଼ିକର ଜନସାଧାରଣ ବଣୁଆ ହାତୀ ଉତ୍ପାତରେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ବଡବାଙ୍କି ଗ୍ରା.ପ. ଅନ୍ତର୍ଗତ ଚଚରାମୁଣ୍ଡା (ବଡକେନ୍ଦୁ) ଗାଁର ନିରୀହ ବିଧବା ଖେଲ ଝାରମାଝି ତା'ର ଝିଅ ଶୁଶିଲା ଝାରମାଝି (୧୯)ର ବିବାହ ପାଇଁ ତିନି ବସ୍ତା ଚାଉଳ, ପାଞ୍ଚ ହଜାର ଟଙ୍କା ଓ ଏକ ଭରି ସୁନା ଚାଉଳ ବସ୍ତା ଭିତରେ ରଖିଥିବା ବେଳେ ହାତୀ ଘର ଭାଙ୍ଗି ବାସନ କୁସନ ସବୁ ନଷ୍ଟ କରିବା ସହ ବସ୍ତାରେ ଥିବା ଚାଉଳ, ଟଙ୍କା, ସୁନା ସବୁ ଖାଇ ଦେଇଥିବା ଅଭିଯୋଗ ହୋଇଛି । ଉକ୍ତ ଗାଁର ଲୁଚନେ ପହରେନ ତିନି ଛୋଟ ଛୋଟ ପୁଅ ଝିଅ ସହିତ ଶୋଇଥିବା ସମୟରେ ହାତୀ ଘର ଭାଙ୍ଗି ଦେବାରୁ ସେମାନଙ୍କ ଚିତ୍କାର ଶୁଣି ସେମାନଙ୍କୁ ଗାଁ ଲୋକେ ଉଦ୍ଧାର କରିଥିଲେ । ଜାମକି ଗାଁର ପହରିଆପଡାର କଦଳୀ ଗଛ ଓ କିଛି ଘରଗୁଡିକୁ ଭାଙ୍ଗିନଷ୍ଟ କରି ଦେଇଥିବା ଚୈତନ୍ୟ ଦାସ, କୁଶ ମାଝି ଓ ଗ୍ରାମବାସୀ ସୂଚନା ଦେଇଛନ୍ତି । କମେଇମୁଣ୍ଡା ଗ୍ରା.ପ. ଅନ୍ତର୍ଗତ ଗୋଦରାମୁଣ୍ଡା ଗାଁର ଟେଙ୍ଗୁ ବାଗର କଦଳୀ ଗଛ ଓ ପରଚି ଗୃହ ଭାଙ୍ଗି ଦେଇଥିବା ଜଣାପଡ଼ିଛି । ପଣ୍ଡରେନ ଗାଁର ହରିଶ୍ଚନ୍ଦ୍ର ରଣାଙ୍କ ଗୃହର ଆଡ଼ବେଷ୍ଟେଜ୍ ଭାଙ୍ଗିରୁଜି ନଷ୍ଟ କରିଦେଇଛନ୍ତି ଏବଂ ତୁଲସୀ ଭୋଇଙ୍କ ନଅ ଏକର ଧାନ ଚାଷ ଖାଇ ନଷ୍ଟ କରିଦେଇଥିବା ଅଭିଯୋଗ ହେଉଛି । ତୁରେକେଲା ଗ୍ରା.ପ. ଅନ୍ତର୍ଗତ ବଗବାହାଲ ଗାଁର ମାଲିଝରିଆ ମାଝିଙ୍କ ଘର ଭାଙ୍ଗି ଦେଇଛନ୍ତି ହାତୀମାନେ । ବଣୁଆ ହାତୀ ଅନେକ ଚାଷୀମାନଙ୍କ ଧାନ ତଥା କପା ଚାଷ ସବୁ ନଷ୍ଟ କରୁଥିବାରୁ ଜନସାଧାରଣଙ୍କ ଜୀବନରେ ମଧ ଭୟ ସୃଷ୍ଟି ହୋଇଛି । ଏନେଇ ଗ୍ରାମବାସୀମାନେ କହିଛନ୍ତି ଯେ, ଏଥିପ୍ରତି ପ୍ରଶାସନ ଏକ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ ।

# ଛତୁଚାଷ ପାଇଁ ମହିଳାଙ୍କ ତାଲିମ ଶିବିର ଉଦ୍‌ଘାଟିତ



କଳାହାଣ୍ଡି, (ନିପ୍ର) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ରିଷିଡା ସ୍ଥିତ ପଂଚାୟତ ସଭାଗୃହଠାରେ ଆଜିଠାରୁ ତିନିଦିନିଆ ଛତୁଚାଷ ତାଲିମ ଶିବିର ଆରମ୍ଭ ହୋଇଯାଇଛି । ଉଦ୍ୟାନକୃଷି ବିଭାଗ ପକ୍ଷରୁ ଆୟୋଜିତ ଏହି ତାଲିମ ଶିବିରରେ ଏହି ବ୍ଲକର ରିଷିଡା, ତେରେସିଙ୍ଗା, କର୍ଲାମୁଣ୍ଡା, ଗଜବାହାଲ ଓ ପୌରକେଲା ପଂଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୩୮ ଜଣ ମହିଳା ଚାଷୀ ଭାଗ ନେଇଛନ୍ତି ।

ତାଲିମ ଦାତା ଭାବେ କୃଷିବିଜ୍ଞାନୀ ମଧୁମିତା ଜେନା, ଭବାନୀପାଟଣା ସହକାରୀ ଉଦ୍ୟାନ ଅଧିକାରୀ ଚିତ୍ତରଞ୍ଜନ ମଲ୍ଲିକ, ଗ୍ରାମ୍ୟ କୃଷି କର୍ମୀ ପିତାମ୍ବର ମାଝୀ ଯୋଗଦେଇ ତାଲିମ ଦେଉଛନ୍ତି । ଶିବିରକୁ ଉଦ୍ୟାନ ବିଭାଗ ଓଭରସିଅର ପୂର୍ଣ୍ଣଚନ୍ଦ୍ର ଭୂଇଁଆ ଓ ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଟିକୁନୁ ସାହୁ ପରିଚାଳନା କରୁଛନ୍ତି ।

# ଗ୍ରାମ୍ୟ ଉନ୍ନୟନ ରାସ୍ତା ଅଧପନ୍ତରିଆ ହୋଇଥିବା ଅଭିଯୋଗ : ରାସ୍ତା ନଷ୍ଟ ସହ ଦୁର୍ଘଟଣା ଆଶଙ୍କା, ତୁରନ୍ତ ସମ୍ପୂର୍ଣ୍ଣ ଦାବୀ



ଦେଓଗାଁ, (ନିପ୍ର) : ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇ ଶେଷ ହେବାକୁ ଯାଉଛି ହେଲେ ଅଟକଳରେ ଥିବା କଛି କାମ ମଧ୍ୟରୁ କେତେକ କାମ କରି ନଥିବାରୁ ରାସ୍ତା ନଷ୍ଟ ହେବା ସହ ଦୁର୍ଘଟଣା ଆଶଙ୍କା ଥିବା ଅଭିଯୋଗ କରୁଛନ୍ତି ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ବହଲି ଗାଁର ଲୋକମାନେ ବହଲି ଗାଁକୁ ପ୍ରତିଦିନ ଯିବା ଆସିବା କରୁଥିବା ଲୋକମାନେ । ଅଭିଯୋଗ କରିଛନ୍ତି ଯେ, ଜାତୀୟ ରାଜପଥ ବରଗଡ ବୋରିଗୁମ୍ମା ରାସ୍ତାର ବହଲି ଛକଠାରୁ ବହଲି ଗାଁକୁ ଯିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ପିଚୁ ରାସ୍ତାରେ ନବୀକରଣ କରାଯାଉଛି । ପ୍ରାୟତଃ ପିଚୁ କାମ ଶେଷ ହୋଇଥିଲେ ମଧ ରାସ୍ତା କଡରେ ମାଟି କାମ କରି ନଥିବାରୁ ରାସ୍ତାର ଗାଡି ତଳକୁ ଆସୁଥିବା ଗାଡି ରାସ୍ତାକୁ ଭାଙ୍ଗି ଦେଉଥିବା ବେଳେ ଉପରକୁ ଯିବା ସମୟରେ ବିପଦ ଆଶଙ୍କା ଅଛି । କିଏ କେଉଁ ଅନୁଦାନରୁ ରାସ୍ତା କାମ କରିଛି ସୂଚନା ଫଳକ ଦିଆଯାଇ ନଥିବାରୁ ଲୋକମାନେ କାହାକୁ ଅଭିଯୋଗ କରିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇ ନାହିଁ । ତେଣୁ ତୁରନ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବୀ ହେଉଛି ।

# ଆଖି

ରୁଚିସ୍ମିତା ମହାପାତ୍ର

ନା ଅତୀତ
ନା ଭବିଷ୍ୟତ
ନା ସତ ନା ସର୍ତ୍ତ
ଆଜି ମତେ ଏମିତି
ଆଖି ବୁଜି ଦବାକୁ ପଡିଲା ।

କାହାକୁ ଦୋଷ ଦବ
ରାତିକୁ ନା ନିଦକୁ
ସ୍ୱପ୍ନକୁ ନା ସତକୁ ।

ଆଖି ବୁଜିଲେ
ଅସୁମାରୀ ଅନ୍ଧାର
ଆଖି ଖୋଲିଲେ
ଅଣାକାର ଆକାଶ
ଆଖି ବୁଜିଲେ
ଅସମ୍ପୂର୍ଣ ସ୍ୱପ୍ନ
ଆଖି ଖୋଲିଲେ
ଅସମ୍ଭାଳ ଲୁହ
ଆଖି ବୁଜିଲେ
ଅତି ଚିହ୍ନା ମୁହଁ
ଆଖି ଖୋଲିଲେ
ଅଚିହ୍ନା ଚେହେରା
ସବୁ ଯେମିତି ଆନ୍ତା ମାନ୍ତା
କରି ଦେଉଛନ୍ତି ଆଖିକୁ ମୋର ।

ଏବେ ଆଉ ମୋ ଆଖି
ଜମା ବି ବୋଲ ମାନୁନି ମୋର.
କାହାପାଇଁ
ଏମିତି ଭିଜେଇ ଚାଲିଛୁ
ଲୁହରେ ଲଟ୍‌ପଟେଇ ଦଉଛୁ.....
ପ୍ରଶ୍ନ କରୁଛି ବାର ବାର ।

ଯାହାକୁ ଏଯାଏ
ଆଖିରେ ବସେଇ ରଖିଥିଲି
ମୋ ଲୁହ ସାଙ୍ଗରେ
ଗଡି ନଯାଉ
ଯାହାକୁ ଆଖିର ତାରା ସଜେଇଥିଲି
ଆଖିରୁ ବାହାରି
ଆକାଶର ତାରା
ସାଜି ନଯାଉ ।

ସବୁ ସତ
ଦେଖିହୁଏନା ଆଖିରେ
ସବୁ କ୍ଷତ
ରଖିହୁଏନା ଛାତିରେ
ସବୁ ସ୍ୱପ୍ନ
ଦେଖିହୁଏନା ରାତିରେ
ସବୁ ସୁଖ
ସାଇତି ହୁଏନା ମନରେ ।

ଜାଣେନା ରାତି ପାହିଲେ
ମୋ ପାଇଁ
ସକାଳ ପରି ଫର୍ଚ୍ଚା ରାସ୍ତା ଥିବ
କି କିଟି କିଟି ଅନ୍ଧାର
ଫୁଲ ଫୁଟିଥିବ କି ବୋମା
ତମେ ଥିବ କି ଆଉ କିଏ
ଆଖି ବୁଜି ଦେଇଚି ମୁଁ
ମୋ ଆଖି ଭିତରେ କିନ୍ତୁ
ତମେ ଅଛ ।।





# ଝର୍କା

ମୃଗେଶ ବୈଷ୍ଣବ ପାଣିଗ୍ରାହୀ

ଝର୍କାର ରେଲିଂଗ୍ ଦେଇ
ପସିଆସେ ସୂର୍ଯ୍ୟାଲୋକ
ସକାଳ ହେଲା ବୋଲି
ହୁରି ପଡେ ।

ସକାଳ ହେଲେ
ନିଦରୁ ଉଠେ ସହର
ନିଦରୁ ଉଠନ୍ତି ପକ୍ଷୀ
ନିଦରୁ ଉଠନ୍ତି ଈଶ୍ୱର
ନଈର ଉଜାଣିରେ ମୁହଁ ଧୁଏ ସୂର୍ଯ୍ୟ
ନୂଆ କରି ସଜେଇ ହୁଏ
ଗଛ ଓ ପତ୍ର
ସକାଳ ହେଲେ କିଶୋରୀଟିଏ
ସ୍ୱପ୍ନକୁ ବୋହି ଚାଲିଯାଏ
ଦୂର ଦୂରାନ୍ତର ।

ପସିଆସେ ଚଂଦ୍ରାଲୋକ
ରାତିର ଗହନ ଅଂଧାର
ଘୋଡ଼େଇ ଦେଲା ବୋଲି
ସଂଚରିଯାଏ ସବୁଠି
ନିବିଷ୍ଟ ଗାଂଭୀର୍ଯ୍ୟ ।

ରାତି ହେଲେ କବିଟିଏ ଜନ୍ମେ
ତା'ର ଏକାଂତ ନୀରବତାରେ
ତା'ର କୋଠରୀରେ ହିଁ
ପୃଥିବୀ ଦେଖେ
ତା'ର ଛାତରୁ ଓହଳିଥାନ୍ତି
ଚେର ପରି ଅଳଂଧୁ ଯେତେ
କାନ୍ଥରେ ଟଂଗା ଚିତ୍ରରେ
ତା'କୁ ଦୃଶ୍ୟ ହୁଏ
ପ୍ରେୟସୀର ହାତ
ତା'ର ଆୟୁଷ ଆଂକୁଥାଏ
ସେଇ ହାତ
ତା'ର ମନକୁ ଅନାବୃତ କରୁଥାଏ
ସେଇ ହାତ
ତା'ର ଲୁହକୁ ରଂଗ ବୋଲୁଥାଏ
ସେଇ ହାତ
ତା'ର ଜୀବାତ୍ମାକୁ ସଂଖୋଳି
ମୁଠେଇ ଧରିଥାଏ ସେଇ ହାତ ।

ପସିଆସେ କୁହୁଡ଼ିର
ଚିର ଲହରିତ ଗୀତ
ଶୀତ ଛୁଇଁ ଦେଇ ଗଲା ବୋଲି
କହିଯାଏ କାକର,
ଶୀତ ଆସେ,
ଶୀତ ଆସିଲେ
ଉହ୍ମେର ଉଷ୍ମତା ମନେ ପଡ଼େ
କାକର ଥିପେ
କାହା ଆଖିରୁ ନିଶାର୍ଦ୍ଧରେ
ଥିପୁଥିବା ଲୁହ ପରି
କାହା ଏଡ଼ି ଫାଟେ
ମୋ ଛାତିରୁ ରକ୍ତ ଝରେ
କିଏ ଲକ୍ଷ୍ମୀପାଦ ଆଂକେ
ତା' ଅଗଣାରେ
ମୋ' ଠାକୁର ଘରେ
କ୍ଷୀରି ଓ ପିଠାର ବାସ୍ନା ମହକେ
ବଉଳ ଧରେ ମନରେ
କୋଇଲି କୁହ୍ଲେଇ ହୁଏ
ଦୂର ପାହାଡ଼ ମଥାନରେ
ଶୃଙ୍ଖଳା ନଈରେ
ହୁଲିଡଂଗା ଭାସେ
ଶୈଶବ ବାଲିରେ ଗୋଡ଼ ପୂରେଇ
ଇଚ୍ଛା ଓ କାମନାର ଘର ଗଢେ ।

ଝର୍କାର ରେଲିଂଗ୍ ଦେଇ
ସୂର୍ଯ୍ୟାଲୋକ ଆସେ
ଚଂଦ୍ରାଲୋକ ଆସେ
କୁହୁଡ଼ିର ନିସ୍ପନ୍ଦ ଗୀତ ଶୁଭେ,
କରୁଣା ହୋଇ ଆସେ
ସୂର୍ଯ୍ୟାଲୋକ
ଆକାଶର ଧାରେ କଜଳ ହୋଇ
ଆସେ ଜହ୍ନ କିରଣ
ନୈପଥ୍ୟେ ରହି କବିତା ଲେଖିବାକୁ
ଆସେ କୁହୁଡ଼ିର ପରାସ୍ତ ମନ ।

ମୋ. - ୯୬୫୮୫୭୭୫୮୦

# ସ୍ୱୀକାରୋକ୍ତି

ଅଂଜଳି ପଟ୍ଟନାୟକ



୧ )
ଆକାଶକୁ ଛୁଇଁବାକୁ
ହାତ ବଢେଇଲି
ଘୁଂଚିଗଲା ସେ
ଯୋଜନ ଯୋଜନ
ଏଇ ଯେ ଏବେ ତ ଥିଲା
ମୋ ଆଞ୍ଜୁଳା ପାଣିରେ ।

୨ )
ସର୍ବଂସହା ବୋଲି
ଶୁଣିଥିଲି ସେ
ପରଖିବା ପାଇଁ
ଆଉ କିଛି ବ୍ୟଥା ତାକୁ ଦେଲି ।

୩)
ଦୁଃଖ ତ' ସେଇଠି ଯେ
ଖୁସି ହେବାର କାରଣ
ତଲାସୁ ଥିଲି ମୁଁ... ।

୪ )
ଏଇ ତରାସିବାରେ ତ'
ବାହାଦୂରୀ,
ନହେଲେ ସେଇଟା ବି ଗୋଟେ
ପଥର ମାତ୍ର ।

୫ )
ଘୃଣା କରିବାକୁ କାରଣ ଟେ
ଲୋଡା ପଡେ,
ପ୍ରେମ ତ କାଳେ କାଳେ
ଅକାରଣେ ହୁଏ ।।



# ଉଚ୍ଚସ୍ତରୀୟ ବୈଠକରେ ଜୱାଦ ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

- ଲୋକମାନଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଲେ ପ୍ରଧାନମନ୍ତ୍ରୀ
- ସମସ୍ତ ଜରୁରି ସେବା ବଜାୟ ରଖିବା ସହ କ୍ଷତିଗ୍ରସ୍ତ ହେବା ସ୍ଥିତିରେ ତୁରନ୍ତ ପୁନରୁଦ୍ଧାର ସୁନିଶ୍ଚିତ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ
- ବାତ୍ୟାର ପ୍ରଭାବୀ ମୁକାବିଲା ଲାଗି ସମସ୍ତ ସମ୍ପୃକ୍ତ ମନ୍ତ୍ରଣାଳୟ ଓ ଏଜେନ୍ସିଗୁଡିକ ସମନ୍ୱିତ ଢଙ୍ଗରେ କାର୍ଯ୍ୟ କରୁଛନ୍ତି
- ଡଙ୍ଗା, ଗଛକଟା, ଟେଲି ଯୋଗାଯୋଗ ଉପକରଣ ଆଦି ସହିତ ୨୯ଟି ଦଳକୁ ନିୟୋଜିତ କରିଛି ଏନଡିଆରଏଫ; ୩୩ ଟିମ୍ ମୁତୟନ ପାଇଁ ପ୍ରସ୍ତୁତ ରହିଛନ୍ତି
- ଭାରତୀୟ ତଟରକ୍ଷୀ ବାହିନୀ ଓ ନୌସେନା ପକ୍ଷରୁ ରିଲିଫ, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ପାଇଁ ଜାହାଜ ଓ ହେଲିକପ୍ଟର ନିୟୋଜିତ କରାଯାଇଛି
- ବାୟୁସେନା ଏବଂ ସ୍ଥଳସେନାର ଇଞ୍ଜିନିୟର ଟାସ୍କଫୋର୍ସ ୟୁନିଟକୁ ନିୟୋଜିତ କରିବା ଲାଗି ପ୍ରସ୍ତୁତ ରଖାଯାଇଛି
- ପୂର୍ବତଟ ଅଞ୍ଚଳରେ ବିପର୍ଯ୍ୟୟ ଉଦ୍ଧାରକାରୀ ଦଳ ଏବଂ ଚିକିତ୍ସା ଦଳ ପ୍ରସ୍ତୁତ ରଖାଯାଇଛି

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଉଚ୍ଚସ୍ତରୀୟ ବୈଠକରେ ଜୱାଦ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ତଥା ସମ୍ପୃକ୍ତ ଏଜେନ୍ସିର ଅଧିକାରୀମାନେ ଯୋଗ ଦେଇ ବାତ୍ୟାଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କୁ ନିରାପଦ ଭାବେ ଉଦ୍ଧାର କରିବା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାତ୍ୟା ସମୟରେ ବିଦ୍ୟୁତ ଶକ୍ତି, ଟେଲିଯୋଗାଯୋଗ, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ଜରୁରି ସେବା ଯୋଗାଣ ସୁନିଶ୍ଚିତ କରିବା ସହିତ ଏଥିରେ ବାଧା ଉତ୍ପନ୍ନ ହେବା କ୍ଷେତ୍ରରେ ତୁରନ୍ତ ପୁନରୁଦ୍ଧାର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଆହୁରି, ଜରୁରି ଔଷଧ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ କରି ରଖିବା ସହ ଏଗୁଡିକର ବାଧାମୁକ୍ତ ପରିବହନ ସୁନିଶ୍ଚିତ କରିବା ଲାଗି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ କରିବା ଲାଗି ମଧ ସେ ନିର୍ଦ୍ଦେଶ ଦେଇଥିଲେ । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ସୂଚନା ଦିଆଯାଇଥିଲା ଯେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏକ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ଜୱାଦ ବାତ୍ୟାରେ ପରିଣତ ହେବ । ଏହା ଡିସେମ୍ବର ୪ ତାରିଖ ୨୦୨୧ ଶନିବାର ସକାଳେ ଉତ୍ତର ଆନ୍ଧ୍ର ପ୍ରଦେଶ – ଓଡିଶା ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବ । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ କିଲୋମିଟର ରହିବ । ବାତ୍ୟା ପ୍ରଭାବରେ ଆନ୍ଧ୍ରପ୍ରଦେଶ, ଓଡିଶା ଏବଂ ପଶ୍ଚିମବଙ୍ଗ ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି । ପୂର୍ବରୁ



କ୍ୟାବିନେଟ ସଚିବ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟ ଓ କେନ୍ଦ୍ରୀୟ ମନ୍ତ୍ରଣାଳୟ/ଏଜେନ୍ସିଗୁଡିକ ସହିତ ପରିସ୍ଥିତି ଏବଂ ପ୍ରାକ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପରିସ୍ଥିତି ଉପରେ ୨୪ ଘଣ୍ଟା ନଜର ରଖିଛି ଏବଂ ରାଜ୍ୟ ସରକାର, କେନ୍ଦ୍ର ଶାସିତ ପ୍ରଦେଶ ପ୍ରଶାସନ ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡିକ ସହିତ ନିୟମିତ ଯୋଗାଯୋଗରେ ରହିଛି ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟମାନଙ୍କୁ ପୂର୍ବରୁ ଏସଡିଆରଏଫର ପ୍ରଥମ କିସ୍ତି ଜାରି କରାଯାଇ ସାରିଛି । ଡଙ୍ଗା, ଗଛ କଟା ଯନ୍ତ୍ର, ଟେଲିକମ ଉପକରଣ ସହିତ ଏନଡିଆରଏଫର ୨୯ଟି ଦଳକୁ ପୂର୍ବରୁ ପ୍ରଭାବିତ ରାଜ୍ୟମାନଙ୍କରେ ମୁତୟନ କରାଯାଇ ସାରିଛି ଏବଂ ୩୩ଟି ଦଳକୁ ପ୍ରସ୍ତୁତ ରଖାଯାଇଛି । ରିଲିଫ, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ପାଇଁ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ନୌସେନା ପକ୍ଷରୁ ଜାହାଜ ଓ ହେଲିକପ୍ଟର ମୁତୟନ କରାଯାଇଛି । ବାୟୁ ସେନା ଏବଂ ସ୍ଥଳସେନାର ଇଞ୍ଜିନିୟରିଂ ଟାସ୍କ ଫୋର୍ସକୁ ଡଙ୍ଗା ଏବଂ ଉଦ୍ଧାରକାରୀ ଉପକରଣ ସହିତ ମୁତୟନ ଲାଗି ପ୍ରସ୍ତୁତ ରଖାଯାଇଛି । ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ନିରୀକ୍ଷଣ ବିମାନ ଏବଂ ହେଲିକପ୍ଟର ଗୁଡିକର ନିରନ୍ତର ଆକାଶମାର୍ଗରୁ ନିରୀକ୍ଷଣ ଜାରି ରଖିଛନ୍ତି । ବିପର୍ଯ୍ୟୟ ଉଦ୍ଧାରକାରୀ ଦଳ ଏବଂ ମେଡିକାଲ ଦଳକୁ ପୂର୍ବ ଉପକୂଳରେ ବିଭିନ୍ନ ସ୍ଥାନରେ ପ୍ରସ୍ତୁତ ରଖାଯାଇଛି । ବିଦ୍ୟୁତ ଯୋଗାଣ ସେବାକୁ ତୁରନ୍ତ ସ୍ୱାଭାବିକ କରିବା ଲାଗି ଟ୍ରାନ୍ସଫର୍ମ, ଡିଜିସେଟ ଏବଂ ଅନ୍ୟାନ୍ୟ ଉପକରଣ ସହିତ ଜରୁରିକାଳୀନ ମୁକାବିଲା ବ୍ୟବସ୍ଥାକୁ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ସକ୍ରିୟ କରାଯାଇଛି । ଦୂରସଞ୍ଚାର ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଟେଲିକମ ଟାୱାର ଏବଂ ଏକ୍ସଚେଞ୍ଜ ଉପରେ ଲଗାତାର ନଜର ରଖାଯାଇଛି ଏବଂ ଟେଲିକମ ନେଟୱର୍କକୁ ସ୍ୱାଭାବିକ କରିବା ଲାଗି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତି କରାଯାଇଛି ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରସ୍ତୁତି ଏବଂ ପ୍ରଭାବିତ ଅଞ୍ଚଳରେ କୋଭିଡ ମୁକାବିଲା ପାଇଁ ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ବନ୍ଦର, ଜାହାଜ ଚଳାଚଳ ଏବଂ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଜାହାଜଗୁଡିକୁ ସୁରକ୍ଷିତ ରଖିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଜରୁରିକାଳୀନ ଜାହାଜଗୁଡିକୁ ମୁତୟନ କରାଯାଇଛି ।

ଉପକୂଳ ଅଞ୍ଚଳରେ ଥିବା କେମିକାଲ ଏବଂ ପେଟ୍ରୋକେମିକାଲ ୟୁନିଟ୍ ଭଳି ଶିଳ୍ପ ପ୍ରତିଷ୍ଠାନଗୁଡିକ ପାଇଁ ସତର୍କ ସୂଚନା ଜାରି ରଖିବା ଲାଗି ରାଜ୍ୟମାନଙ୍କୁ ପରାମର୍ଶ ଦିଆଯାଇଛି । ବିପଦସଙ୍କୁଳ କ୍ଷେତ୍ରରୁ ଲୋକମାନଙ୍କୁ ଉଦ୍ଧାର କରିବା ଲାଗି ପ୍ରସ୍ତୁତିରେ ରାଜ୍ୟ ଏଜେନ୍ସିଗୁଡିକୁ ଏନଡିଆରଏଫ ପକ୍ଷରୁ ସହାୟତା କରାଯାଉଛି । ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଲୋକମାନଙ୍କୁ ଅବଗତ କରାଇବା ଲାଗି ନିୟମିତ ଭାବେ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, କ୍ୟାବିନେଟ ସଚିବ, ଗୃହ ସଚିବ, ଏନଡିଆରଏଫ ଡିଜି ଏବଂ ଆଇଏମଡି ଡିଜି ଅଂଶଗ୍ରହଣ କରିଥିଲେ ।

# ବାତ୍ୟା ଜୱାଦ ପାଇଁ ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ




- ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ
- ମନ୍ତ୍ରଣାଳୟ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛ
- ସମସ୍ତଙ୍କୁ ସତର୍କ ଏବଂ ପ୍ରସ୍ତୁତ ରହିବାକୁ ଅନୁରୋଧ

ନୂଆଦିଲ୍ଲୀ, (ପିଆଇବି) : କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବନ୍ଦର ଅଧକ୍ଷ ତଥା ବିଭିନ୍ନ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳର ସହଯୋଗୀଙ୍କ ସହ ବାତ୍ୟା ଜୱାଦ ଯୋଗୁଁ ଆସନ୍ନ ପରିସ୍ଥିତିର ମୁକାବିଲା ପାଇଁ ଚାଲିଥିବା ପ୍ରସ୍ତୁତି ସମୀକ୍ଷା କରିଛନ୍ତି ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ମନ୍ତ୍ରାଳୟ ପକ୍ଷରୁ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ବାତ୍ୟା ଜୱାଦ ନେଇ ସମସ୍ତଙ୍କୁ ସତର୍କ ଏବଂ ପ୍ରସ୍ତୁତ ରହିବାକୁ କୁହାଯାଇଛି । ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ସମସ୍ତ ପରିବହନ ଜାହାଜକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେଇଛି ଏବଂ ଜରୁରୀକାଳୀନ ଜାହାଜ ମୁତୟନ କରିଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା କେମିକାଲ୍ ଆଣ୍ଡ ପେଟ୍ରୋକେମିକାଲ୍ ପରି ଶିଳ୍ପ ପ୍ରତିଷ୍ଠାନଗୁଡିକ ଉପରେ ମଧ ସତର୍କ ନଜର ରଖିବାକୁ ରାଜ୍ୟମାନଙ୍କୁ କୁହାଯାଇଛି ।

# ଓମିକ୍ରନ୍ ସଂକ୍ରମଣ କରୋନାର ଆଉ ଏକ ତରଙ୍ଗ ଆଣିବ କି ? ଆଗାମୀ ୮ ସପ୍ତାହରେ ଚିତ୍ର ସ୍ପଷ୍ଟ ହେବ, କହିଲେ ବିଶେଷଜ୍ଞ

ନୂଆଦିଲ୍ଲୀ : ଶନିବାର ଦିନ ଦେଶରେ କରୋନା ଭୂତାଣୁ ସଂକ୍ରମଣର ଓମିକ୍ରନ୍ ଭାରିଆଣ୍ଟର ଦୁଇଟି ନୂତନ ମାମଲା ରିପୋର୍ଟ ହୋଇଛି । ଗୁଜୁରାଟର ଜଣେ ୭୨ ବର୍ଷ ବୟସ୍କ ବ୍ୟକ୍ତି ଓ ମହାରାଷ୍ଟ୍ରର ୩୩ ବର୍ଷ ବୟସ୍କ ଓମିକ୍ରନ୍ ଦ୍ୱାରା ସଂକ୍ରମିତ ହେବା ନିଶ୍ଚିତ ହେବା ପରେ ଦେଶରେ ଏହି ପ୍ରକାରର ଚାରିଟି ମାମଲା ପଞ୍ଜିକୃତ ହୋଇଛି । ଏହାପୂର୍ବରୁ କର୍ଣ୍ଣାଟକରେ ଦୁଇଜଣ ବ୍ୟକ୍ତି ଏହି ଭୂତାଣୁ ସଂକ୍ରମିତ ହୋଇଥିବା ଜଣାପଡିଛି । ଅନ୍ୟପକ୍ଷରେ, ବିଶେଷଜ୍ଞମାନେ କହିଛନ୍ତି ଯେ, ଭାରତରେ ଓମିକ୍ରନ୍ ୱେଭ୍ ଅଛି କି ନାହିଁ ତାହା ସ୍ପଷ୍ଟ ହେବା ପାଇଁ ଛଅରୁ ଆଠ ସପ୍ତାହ ସମୟ ଲାଗିପାରେ । ମହାରାଷ୍ଟ୍ରରେ ଓମିକ୍ରନ୍‌ର ପ୍ରଥମ ମାମଲା ଜଣା ପଡ଼ିବା ପରେ ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ସ୍ୱାସ୍ଥ୍ୟ) ଡ.ପ୍ରଦୀପ ବ୍ୟାସ କହିଛନ୍ତି, "ଆମେ ଟୀକାକରଣ ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ ଚେଷ୍ଟା କରୁଛୁ । ଆହୁରି ମଧ, ଏହା ନିଶ୍ଚିତ କରିବାକୁ ପଡ଼ିବ ଯେ, ଯେପରି ଲୋକମାନେ ମାସ୍କ ଉପରେ ବିଶେଷ ଗୁରୁତ୍ୱ



ଦେଇ କୋଭିଡ ପ୍ରୋଟୋକଲକୁ ଅନୁସରଣ କରବେ । ଇଂରାଜୀ ଖବରକାଗଜ ଟାଇମ୍ସ ଅଫ୍ ଇଣ୍ଡିଆ ଅନୁଯାୟୀ, ମହାରାଷ୍ଟ୍ର ସରକାରଙ୍କ କୋଭିଡ ଟାସ୍କ ଫୋର୍ସର ସଦସ୍ୟ ଡ.ଶଶାଙ୍କ ଯୋଶୀ କହିଛନ୍ତି ଯେ, ଏହି ସମୟରେ ଓମିକ୍ରନ୍ ଭାରିଆଣ୍ଟ ସହିତ ଅନେକ ଅଜ୍ଞାତ ପ୍ରକାର ରହିଛି । ଆମେ ଭୟଭୀତ ହେବା ଉଚିତ୍ ନୁହେଁ, କିନ୍ତୁ ସତର୍କ ରହିବା ଉଚିତ୍ । ଆମକୁ ନଜର୍ ଦେବାକୁ ପଡିବ ଯେ, ଓମିକ୍ରନ୍ ଆସନ୍ତା କିଛି ସପ୍ତାହ ମଧ୍ୟରେ ଡେଲଟା ଭାରିଆଣ୍ଟକୁ ବଦଳାଇବ କି ?

# ଭାରତରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୩ : ଗୁଜୁରାଟର ଜାମନଗରରୁ ଆଉ ଜଣେ ଚିହ୍ନଟ

ଗୁଜରାଟ : ଗୁଜୁରାଟର ଜାମନଗରରୁ ନୂତନ ସଂକ୍ରମିତ ଚିହ୍ନଟ ହୋଇ ଏବେ ଭାରତରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇଛି । ଜାମନଗରରୁ ଚିହ୍ନଟ ବ୍ୟକ୍ତି ଜଣକ ଦକ୍ଷିଣ ଆଫ୍ରିକା ଫେରନ୍ତା ବୋଲି ଜଣାପଡିଛି । ଏହି ବ୍ୟକ୍ତି ଦୁଇ ଦିନ ପୂର୍ବରୁ ଦକ୍ଷିଣ ଆଫ୍ରିକାରୁ ଗୁଜରାଟ ଆସିଥିଲେ । ବିମାନ ବନ୍ଦରରେ ହୋଇଥିବା ଯାଞ୍ଚରେ ତାଙ୍କର ରିପୋର୍ଟ ପଜିଟିଭ୍ ଆସିଛି । ଏହା ପରେ ସଂକ୍ରମିତଙ୍କ ନମୁନା ସଂଗ୍ରହ କରି ଜିନୋମ୍ ସ୍ୱିକେନ୍ସିଂ ପାଇଁ ପଠାଯାଇଥିଲା । ବର୍ତ୍ତମାନ




ତାଙ୍କ ରିପୋର୍ଟରୁ ସ୍ପଷ୍ଟ ହୋଇଛି, ସେ ଓମିକ୍ରନ୍ ସଂକ୍ରମିତ । ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# କୋଭିଡ ସେବା ପାଇଁ ଏସ୍‌ସିଏସ୍ କଲେଜକୁ ଏନ୍‌ସିସି ଡ଼ିଜି ପଦକ ସମ୍ମାନ

ଭୁବନେଶ୍ୱର, (ନିପ୍ର) : ପୁରୀ ସହରରେ ଅବସ୍ଥାପିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍.ସି.ସି) ପକ୍ଷରୁ ବିଗତ ଦିନମାନଙ୍କରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ସାମାଜ ସେବା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସଡକ ସୁରକ୍ଷା ସପ୍ତାହ, ବଡଦାଣ୍ଡ ସେବା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଏନ୍‌ସିସି କ୍ୟାଡେଟ୍ ଭାଗନେଇ ପ୍ରଶାସନ ଠାରୁ ସମ୍ବର୍ଦ୍ଧନା ମଧ ପାଇଛନ୍ତି । ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ସମାଜିକ କାର୍ଯ୍ୟକ୍ରମକୁ ମଧ ଏହି ମହାବିଦ୍ୟାଳୟ କ୍ୟାଡେଟ୍‌ମାନେ ଭାଗନେଇ ସଫଳତାର ସହ ଆଗେଇ ନେଇଛନ୍ତି । ଭାରତ ସରକାରଙ୍କର ନିର୍ଦ୍ଦେଶରେ ଏନ୍‌ସିସି ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀଙ୍କ "ଏନ୍‌ସିସି ଯୋଗଦାନ" କାର୍ଯ୍ୟକ୍ରମ ଅନ୍ତର୍ଗତ କରୋନା ସଂକ୍ରମଣ ସମୟରେ ସମସ୍ତେ ଗୃହ ବନ୍ଦୀ ଥିବା ସମୟରେ ଏହି ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଡ଼ଃ ସଞ୍ଜୟ କୁମାର ସୁନ୍ଦରାୟଙ୍କ ଦକ୍ଷତାପୂର୍ଣ୍ଣ



ସୁପରିଚାଳନାରେ ଏହି ମହାବିଦ୍ୟାଳୟର ୫୦ ଜଣ ଏନ୍‌ସିସି କ୍ୟାଡେଟ୍ ମାନଙ୍କ ଦ୍ୱାରା କୋଭିଡ ସହାୟତା କେନ୍ଦ୍ର କରାଯାଇ ଫୋନ୍ ମାଧମରେ ନିରବଛିନ୍ନ ଭାବେ ଦୈନିକ ୧୮ ଘଣ୍ଟା ସମୟ ଦେଇ ସଂକ୍ରମିତଙ୍କ ଅସୁବିଧା ସମ୍ପର୍କରେ ପଚାରିବୁଝି ଜିଲ୍ଲା ପ୍ରଶାସନର ଓ ବିଭିନ୍ନ ସେଚ୍ଛାସେବୀ ସଙ୍ଗଠନର ସହାୟତାରେ ବିଭିନ୍ନ କୋଭିଡ ସଂକ୍ରମିତଙ୍କୁ ତଥା ସେମାନଙ୍କ ପରିବାରକୁ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିଥିଲେ । କ୍ୟାଡେଟ୍ ମାନଙ୍କର ଏହି "କୋଭିଡ଼ ସେବା" ପୁରୀ ଜିଲ୍ଲାର ପ୍ରଥମ ଓ ଏକମାତ୍ର କଲେଜ ହୋଇ ଜିଲ୍ଲାର ଅନେକ କରୋନା ସଂକ୍ରମିତଙ୍କୁ ସାହାଯ୍ୟ କରିଥିଲେ । କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସଂକ୍ରମିତ ହୋଇ ସଙ୍ଗରୋଧରେ ରହୁଥିବା ବୟସ୍କ ଲୋକଙ୍କୁ ସହଯୋଗ କରିବାକୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରଛାତ୍ରୀ ମାଧ୍ୟମ ପାଲଟି ଥିଲା । ଜନସାଧାରଣଙ୍କୁ ରୋଗୀ ବୁହା ଯାନ (ଆମ୍ବୁଲାନ୍ସ) ସେବା, ଅମ୍ଳଜାନ ଟାଙ୍କି, ସଙ୍ଗରୋଧରେ ରହୁଥିବା ଲୋକଙ୍କୁ ଖାଦ୍ୟ, ଟିକାକରଣ କେନ୍ଦ୍ର, ପରୀକ୍ଷା କେନ୍ଦ୍ର ସଂକ୍ରାନ୍ତରେ ତଥ୍ୟ ଯୋଗାଇ ଦେବା ସହ କୋଭିଡ୍ ସଚେତନତା କରି ସାମାଜିକ ଗଣମାଧ୍ୟମ ଜରିଆରେ କରୋନା ମହାମାରୀ

# ଆସନ୍ତା ୯ ତାରିଖରେ ପାରଂପରିକ ରିତିନୀତିରେ ବିବାହ ବନ୍ଧନରେ ବାନ୍ଧି ହେବେ କ୍ୟାଟ୍ରିନା-ଭିକି

ମୁମ୍ବାଇ : ରାଜସ୍ଥାନ ସୱାଇ ମାଧୋପୁରର ସିକ୍ସ ସେନ୍‌ସେସ୍ ଫୋର୍ଟ ବର୍‌ୱାଡ଼ା ଠାରେ ଆସନ୍ତା ୯ ତାରିଖରେ ପାରଂପରିକ ରିତିନୀତିରେ ବିବାହ ବନ୍ଧନରେ ବାନ୍ଧି ହେବେ ଷ୍ଟାର୍ ଯୋଡ଼ି- କ୍ୟାଟ୍ରିନା କୈଫ୍ ଓ ଭିକି କୌଶଲ । ୭ରୁ ୯ ତାରିଖ ଯାଏଁ ରାଜକୀୟ ଅନ୍ଦାଜରେ ଚାଲିବ ଉତ୍ସବ । ସେଥିପାଇଁ ୬ରୁ ୧୧ ତାରିଖ ଯାଏଁ ବୁକ୍ ହୋଇସାରିଛି ପୁରା ଭେନ୍ୟୁ । ହୋଟେଲ୍ ବାହାରେ ଲୋକଙ୍କ ଭିଡ଼ ନିୟନ୍ତ୍ରଣ କରିବାକୁ ଏବଂ ସୁରକ୍ଷା ଓ ଶୃଙ୍ଖଳା



ବଜାୟ ରଖିବାକୁ ସ୍ଥାନୀୟ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାରଙ୍କ ରାଜନୈତିକ ଅଭିସନ୍ଧି : ହେମନ୍ତ ପଣ୍ଡା



ବଲାଙ୍ଗିର, (ନିପ୍ର) : ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ରାଜ୍ୟମାନଙ୍କୁ ଅର୍ଥ ଆବଣ୍ଟନ ଓ ଅର୍ଥ ପ୍ରଦାନର ତଥ୍ୟକୁ ଅନୁଧ୍ୟାନ କଲେ କେନ୍ଦ୍ର ସରକାରଙ୍କ ରାଜନୈତିକ ଅଭିସନ୍ଧି ଜଳ ଜଳ ହୋଇ ଦିସୁଛି ବୋଲି ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ପ୍ରକାଶ କରିଛନ୍ତି । ଦେଶବ୍ୟାପୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସ୍ଥିତି ଓ ପରିବୃଦ୍ଧି ସମ୍ବନ୍ଧରେ କେତେକ ତଥ୍ୟ ସୂଚନା ଅଧିକାର ଆଇନ ବଳରେ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସୂଚନା କର୍ମୀ ଶ୍ରୀ ପଣ୍ଡା ମାଗିଥିଲେ । ଶ୍ରୀ ପଣ୍ଡା କହିଛନ୍ତି ଯେ, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରଦାନ କରିଥିବା ତଥ୍ୟରୁ ଜଣାପଡିଛି ଯେ, ଗତ ୫ ବର୍ଷରେ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଇଁ ୨୪ ହଜାର ୫୧୫ କୋଟି ୪୧ ଲକ୍ଷ ୩୧ ହଜାର ୨୬୦ ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ରିଲିଜ କରାଯାଇଥିବା ଅର୍ଥ ରାଶିର ପରିମାଣ ମାତ୍ର ୧୩ ହଜାର ୫୬୦ କୋଟି ୭୩ ଲକ୍ଷ ୪୪ ହଜାର ୯୦୦ ଟଙ୍କା । ଗତ ୫ ବର୍ଷରେ ଓଡିଶା ପାଇଁ ଏହି ଯୋଜନାରେ ଆବଣ୍ଟନ କରାଯାଇଥିବା ଅର୍ଥ ରାଶିର ପରିମାଣ ଠାରୁ ପ୍ରଦାନ କରାଯାଇଥିବା ଅର୍ଥ ରାଶିର ପରିମାଣ ବହୁତ କମ୍ ଅଟେ । ଏପରିକି ସମଗ୍ର ଦେଶ ପାଇଁ ଗତ ୫ ବର୍ଷରେ କରାଯାଇଥିବା ଅର୍ଥ ଆବଣ୍ଟନ ପରିମାଣ ଓ ରିଲିଜ କରାଯାଇଥିବା ଅର୍ଥ ପରିମାଣ ତୁଳନାରେ ଓଡ଼ିଶାକୁ କମ୍ ଅର୍ଥ ପ୍ରଦାନ କରାଯାଇଛି । ଏହି ତଥ୍ୟ ଜଣାପଡିବା ପରେ ରାଜ୍ୟକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଅବହେଳା କରୁଥିବା ସ୍ପଷ୍ଟ ହୋଇଛି ବୋଲି ସୂଚନା କର୍ମୀ ଶ୍ରୀ ପଣ୍ଡା କହିଛନ୍ତି । ଗତ ୧୭-୧୮ ଓ ୧୮-୧୯ ଆର୍ଥିକ ବର୍ଷରେ କିନ୍ତୁ ବ୍ୟତିକ୍ରମ ଦେଖାଦେଇ ଅର୍ଥ ଆବଣ୍ଟନ ତୁଳନାରେ ଓଡ଼ିଶାକୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ୧୭-୧୮ ମସିହାରେ ରାଜ୍ୟ ପାଇଁ ୨ ହଜାର ୬୯୧ କୋଟି ୬୪ ଲକ୍ଷ ୩ହଜାର ୧୩୦ ଟଙ୍କା ଓ ୧୮- ୧୯ ବର୍ଷରେ ୨ ହଜାର ୨୩ କୋଟି ୩୫ ଲକ୍ଷ ୬ ହଜାର ୨୫୦ ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ଯଥାକ୍ରମେ ୩ ହଜାର ୧୨୪ କୋଟି ୫ ଲକ୍ଷ ୯୦ ହଜାର ୩୦୦ ଟଙ୍କା ଓ ୩ ହଜାର ୨୯୦ କୋଟି ୩୨ ଲକ୍ଷ ୪୨ ହଜାର ୭୦୦ ଟଙ୍କା ରିଲିଜ କରାଯାଇଛି । ଓଡ଼ିଶା ବିଧାନସଭା ନିର୍ବାଚନ ବର୍ଷ ଓ ପୂର୍ବ ଆର୍ଥିକ ବର୍ଷରେ ତଥା ୧୭-୧୮ ଓ ୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟ ପାଇଁ ଆବଣ୍ଟନ କରାଯାଇଥିବା ଅର୍ଥ ରାଶି ପରିମାଣ ଠାରୁ ଅଧିକ ଅର୍ଥ ରିଲିଜ କରାଯାଇଥିବା ଜଣାପଡିଛି । ଏହି ଦୁଇ ବର୍ଷ ବ୍ୟତୀତ ଅନ୍ୟ ବର୍ଷମାନଙ୍କରେ ଅର୍ଥ ପରିମାଣ ଆବଣ୍ଟନ ତୁଳନାରେ କମ୍ ଅର୍ଥ ରିଲିଜ କରାଯାଇଛି । ଓଡିଶାରେ ୨୧-୨୨ ବର୍ଷ ପାଇଁ ୮ ଲକ୍ଷ ୧୭ ହଜାର ୫୧୩ ଟି ଘର ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଗତ ୮ ଅକ୍ଟୋବର ପର୍ଯ୍ୟନ୍ତ ମାତ୍ର ୭୬ ହଜାର ୮୫୮ ଟି ଘର ସମ୍ପୂର୍ଣ୍ଣ ହୋଇଛି । ଠିକ୍ ସେହିପରି ପଶ୍ଚିମବଙ୍ଗ ରାଜ୍ୟ ପାଇଁ ମଧ୍ୟ ୨୦-୨୧ ଆର୍ଥିକ ବର୍ଷରେ ଆବଣ୍ଟିତ ଅର୍ଥ ରାଶି ପରିମାଣଠାରୁ ଅଧିକ ଅର୍ଥ ପ୍ରଦାନ କରାଯାଇଛି । ଚଳିତ ବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି । ଅନ୍ୟ କେତେକ ରାଜ୍ୟରେ ମଧ୍ୟ ଏଭଳି କରାଯାଇଥିବା ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି । ଦଳୀୟ ରାଜନୈତିକ ସ୍ୱାର୍ଥ୍ୟକୁ ଆଧାର କରି ଗରିବଙ୍କ ସହାୟତା ପାଇଁ ଉଦ୍ଦିଷ୍ଟ ଯୋଜନାରେ କେନ୍ଦ୍ର ସରକାର ଅର୍ଥ ପ୍ରଦାନ କରିବା ଏକ ମାରାତ୍ମକ ଘଟଣା ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଏହାକୁ ନେଇ ସୂଚନା କର୍ମୀ ଶ୍ରୀ ପଣ୍ଡା ପ୍ରଧାନମନ୍ତ୍ରୀଙ୍କ ଠାରେ ଅଭିଯୋଗ ଉପସ୍ଥାପନ କରିବେ ବୋଲି କହିଛନ୍ତି ।

## ରାଜ୍ୟର କୃଷି ଓ ବୈଷୟିକ ବିଜ୍ଞାନ ମହାବିଦ୍ୟାଳୟ ଓ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ ନିୟୋଜିତ ଡକ୍ଟରେଟ, ଅଧ୍ୟାପକମାନଙ୍କ ସମସ୍ୟା ଦୟନୀୟ : ରାଜ୍ୟସରକାର ଖୁବଶୀଘ୍ର ପଦକ୍ଷେପ ନେବା ଜରୁରୀ

**● ଓୟୁଏଟି ଶିକ୍ଷକ ସଂଘ ଆନ୍ଦୋଳନକୁ ମାସେ ଟପିଲା ଏବେ ସୁଦ୍ଧା ୧୮ ଦଫାଦାବୀ ପୂରଣ ନିମନ୍ତେ ପ୍ରଶାସନ କୌଣସି ପଦକ୍ଷେପ ନେଇନଥିବା ହେତୁ ସାଧାରଣରେ ଗଭୀର ଉଦବେଗ**

ବ୍ରହ୍ମପୁର, (ନିପ୍ର) : ରାଜ୍ୟର କୃଷି ଓ ବୈଷୟିକ ବିଜ୍ଞାନ ମହାବିଦ୍ୟାଳୟ ଓ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ ନିୟୋଜିତ ଡକ୍ଟରେଟ ଉପାଧିଧାରୀ ପଦବୀ, ଅଧ୍ୟାପକମାନଙ୍କ ସମସ୍ୟା ଦୟନୀୟ ହୋଇପଡିଛି । ଏହି ବିଭାଗର କର୍ତ୍ତୃପକ୍ଷଙ୍କର ଚରମ ଉଦାସୀନତା ଦେଖାଦେଇଛି ।

ଏହି ସମସ୍ୟା ନେଇ ସେମାନେ କଳା ବ୍ୟଜପରିଧାନ କରି ନିରବୀ ଆନ୍ଦୋଳନ କରିବାର ମାସେ ବ୍ୟାପୀ ଥିଲେ ସୁଦ୍ଧା ସରକାର କର୍ଣ୍ଣପାତ କରିନଥିବା ହେତୁ ଉକ୍ତ ମହଲରେ ଅସନ୍ତୋଷ ଦେଖାଦେଇଛି । ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ରାଜ୍ୟସରକାର ଖୁବଶୀଘ୍ର ପଦକ୍ଷେପ ନେବା ଜରୁରୀ ବୋଲି ବିଭିନ୍ନ ମହଲରେ କୁହାଯାଇଛି । ସୂଚନା ଯୋଗ୍ୟ ଯେ, ବ୍ରହ୍ମପୁର ସ୍ଥିତ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ, କୃଷି ଗବେଷଣା କେନ୍ଦ୍ର ଓ କୃଷି ବିଜ୍ଞାନ କେନ୍ଦ୍ରର ୩୫ରୁ ଉର୍ଦ୍ଧ୍ୱ ଅଧ୍ୟାପକ ଓ ବୈଜ୍ଞାନିକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ସନ୍ଧ୍ୟା ସାଢେ ୫ଘଣ୍ଟା ଠାରୁ ରାତ୍ରି ୮ଘଣ୍ଟା ପର୍ଯ୍ୟନ୍ତ ନିରବୀ ଧାରଣାରେ ବସୁଛନ୍ତି । ସେହିପରି ସାରା ରାଜ୍ୟରେ ୧୧ଟି ମହାବିଦ୍ୟାଳୟ, ୩୨ଟି କୃଷି ଗବେଷଣାକେନ୍ଦ୍ର, ୩୧ଟି କୃଷି ବିଜ୍ଞାନ କେନ୍ଦ୍ରରେ ନିୟୋଜିତ ୫୦୦ରୁ ଉର୍ଦ୍ଧ୍ୱ ଅଧ୍ୟାପକ ଓ ବୈଜ୍ଞାନିକମାନଙ୍କର ସମସ୍ୟା ଚରମ ଉଦାସୀନତାର ସମ୍ମୁଖୀନ ହୋଇଥିବା କୁହାଯାଏ । ଏନେଇ ଗତ ନଭେମ୍ବର ୧ ତାରିଖଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ନିରବୀ ଭାବେ ପ୍ରତୀକ-ଗଣଧାରଣା ଚାଲିଛି । ଅଧ୍ୟାପକ ଓ ବୈଜ୍ଞାନିକମାନଙ୍କୁ ନିୟମିତ କରିବା, ଚାକିରିରେ ପଦୋନ୍ନତି କରିବା, ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ପଦବୀଗୁଡିକୁ ପୂରଣ କରିବା, ଚୁକ୍ତିଭିତ୍ତିକ ବୈଜ୍ଞାନିକମାନଙ୍କୁ ନିୟମିତ କରିବା, ଅବସରକାଳୀନ ବୟସ ସୀମା ୬୦ବର୍ଷରୁ ୬୫ବର୍ଷ ବୟସ ପର୍ଯ୍ୟନ୍ତ ବୃଦ୍ଧି କରିବା ଆଦି ଦାବୀ ରହିଛି । ଏ ସମ୍ପର୍କରେ ଗତମାସ ୧୩ ତାରିଖରେ ଭୁବନେଶ୍ୱର ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ମତପ୍ରକାଶ କରାଯାଇଥିଲା ଏବଂ ଗତ ୨୦ ତାରିଖରେ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବଙ୍କ ସହିତ ବିଶଦ ଆଲୋଚନା ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏ ନେଇ ସଂଘ ପକ୍ଷରୁ ତୀବ୍ର କ୍ଷୋଭପ୍ରକାଶ ପାଇଛି ।

ଏଣେ ଏହି ନିରବୀ ଆନ୍ଦୋଳନ ମାସ ବ୍ୟାପିଥିଲେ ମଧ୍ୟ ଉଚ୍ଚକର୍ତ୍ତୃପକ୍ଷ ତଥା ରାଜ୍ୟସରକାର କର୍ଣ୍ଣପାତ କରିନାହାନ୍ତି । ଚଳିତ ଡିସେମ୍ବର ୧୦ ତାରିଖରେ ରାଜଧାନୀ ଭୁବନେଶ୍ୱରର ଡଃ.ଏମ୍.ଏସ.ସ୍ୱାମୀନାଥନ ହଲ୍‌ରେ ଏକ ବାର୍ଷିକ ସାଧାରଣ ସଭାରେ ଏ ସମ୍ପର୍କରେ ବିଶଦ ଆଲୋଚନା ଓ ଫଇସଲା ହେବ ବୋଲି ସଂଘର ମୁଖପାତ୍ର ଡ଼ଃ.ସନ୍ତୋଷ ଉଦ୍ଗାତା (ବ୍ରହ୍ମପୁର) କହିଛନ୍ତି । ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ସଂଘ ତରଫରୁ କୁହାଯାଇଛି । ଓୟୁଏଟି ଶିକ୍ଷକ ସଂଘର ସଭାପତି ଡ. ସଂଜୟ କୁମାର ମହାନ୍ତି, ସଂପାଦକ ଡ. ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ବିପିନ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ବଲାଙ୍ଗିର ବାଇପାସ୍ ପାଇଁ ଦାବୀ କଲେ ବିଭିନ୍ନ ସଂଗଠନ



ବଲାଙ୍ଗିର, (ନିପ୍ର) : ଦୀର୍ଘ ଦିନର ଦାବୀ ହେଉଛି ବଲାଙ୍ଗିର ବାଇପାସ୍ ରାସ୍ତା । ଯାନବାହାନ ବଢ଼ି ବଢ଼ି ଚାଲିଛି, ଟ୍ରକ୍ ଚାପା ତଥା ମର୍ମନ୍ତୁଦ ଦୁର୍ଘଟଣାମାନ ଦିନକୁ ଦିନ ବଢି ଚାଲିଛି । ବଲାଙ୍ଗିର ସହର ଭିତର ଦୁର୍ଗାମନ୍ଦିର ପାଖରେ ଗତ ୦୧/୧୨/୨୦୨୧ ରାତ୍ରି ୧୦.୩୦ ମିନିଟରେ ଘଟିଥିବା ଘଟଣା ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏଭଳି ଘଟଣା ଆଗରୁ ମଧ୍ୟ ଅନେକ ଘଟିଛି, କିନ୍ତୁ ପ୍ରଶାସନ ଚୁପ୍ ରହି ନିରୀହ ଲୋକମାନଙ୍କୁ ଲୌହ ମାନବଠାରେ ବଳି ଦେଇ ଚାଲିଛି । ଯେତେ ଦିନ ବାଇପାସ୍ ରାସ୍ତା ନ ହେବ ସେ ପର୍ଯ୍ୟନ୍ତ ଯଦି ପୋଲିସ ପ୍ରଶାସନ ଉପଯୁକ୍ତ ପଦପେକ୍ଷ ଗ୍ରହଣ ନ କରନ୍ତି ତାହେଲେ ଏଭଳି ଅଘଟଣ ଆଗକୁ ମଧ୍ୟ ବଢି ଚାଲିବ । ନିକଟରେ ଘଟିଥିବା ଦୁର୍ଘଟଣା ବେଳେ ବଲାଙ୍ଗିରବାସୀଙ୍କ ସହ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହି ରାତ୍ରୀରେ ଆନ୍ଦୋଳନ କରି ତାଙ୍କ ପରିବାର ପାଇଁ କ୍ଷତି ପୂରଣ ଦାବୀ କରିଥିଲେ । ସକାଳ ୬ଟାରୁ ରାତ୍ରୀ ୧୨ ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ଅନୁରୋଧ ମଧ୍ୟ କରିଥିଲେ ।

ଏହିଭଳି ଦୁର୍ଘଟଣାକୁ ଲକ୍ଷ୍ୟ କରି ବଲାଙ୍ଗିରର ବିଭିନ୍ନ ସଂଗଠନର ସଦସ୍ୟମାନେ ଉପଖଣ୍ଡ ଅଧିକାରୀ ତୋଫାନ ବାଗଙ୍କ କାର୍ଯ୍ୟାଳୟକୁ ଯାଇ ଘଟିଥିବା ଦୁର୍ଘଟଣାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଦୁର୍ଘଟଣା ଜନିତ ସମସ୍ୟାକୁ ନେଇ ଦାବୀପତ୍ର ଦେଇଥିଲେ । ବଲାଙ୍ଗିରବାସୀଙ୍କ କଥାକୁ ରଖି ସେ ଶୋକାକୁଳ ପରିବାର ବର୍ଗଙ୍କୁ ୩୦,୦୦୦/- ଟଙ୍କା ସହାୟତା ରାଶି ଘୋଷଣା କରିଥିଲେ ଏବଂ ରାତ୍ରୀରେ ଟ୍ରକ୍‌ମାନଙ୍କୁ ଛାଡ଼ିବା ସମୟ ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏଥିରେ ସ୍ୱେଚ୍ଛାସେବୀ ସଂଗଠନର ଉପଦେଷ୍ଟା ସନ୍ଦୀପ ବାଗ, ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଶତପଥୀ, ଲିଙ୍କନ ସେଠ୍, ଜିତୁ ସାହୁ, କବୀର୍ ବସ୍ତିଆ, ସହଦେବ ନାଗ, ପାର୍ଥ କରନ, ସ୍ୱାଭିମାନ ପରିବାରର ମିଲୁ ସାହୁ, ସମ୍ଭୁ ନାଗ, ସଞ୍ଜୟ ସାହୁ, କର୍ତ୍ତବ୍ୟ ଫାଉଣ୍ଡେସନର କାହ୍ନା ଶତପଥୀ, ହିତେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କୋଭିଡ ସେବା ପାଇଁ ଏସ୍‌ସିଏସ୍ କଲେଜକୁ ଏନ୍‌ସିସି ଡ଼ିଜି ପଦକ ସମ୍ମାନ



ଭୁବନେଶ୍ୱର, (ନିପ୍ର) : ପୁରୀ ସହରରେ ଅବସ୍ଥାପିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍.ସି.ସି) ପକ୍ଷରୁ ବିଗତ ଦିନମାନଙ୍କରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ସାମାଜ ସେବା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସଡକ ସୁରକ୍ଷା ସପ୍ତାହ, ବଡଦାଣ୍ଡ ସେବା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଏନ୍‌ସିସି କ୍ୟାଡେଟ୍ ଭାଗନେଇ ପ୍ରଶାସନ ଠାରୁ ସମ୍ବର୍ଦ୍ଧନା ମଧ୍ୟ ପାଇଛନ୍ତି । ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ସମାଜିକ କାର୍ଯ୍ୟକ୍ରମକୁ ମଧ୍ୟ ଏହି ମହାବିଦ୍ୟାଳୟ କ୍ୟାଡେଟ୍‌ମାନେ ଭାଗନେଇ ସଫଳତାର ସହ ଆଗେଇ ନେଇଛନ୍ତି । ଭାରତ ସରକାରଙ୍କର ନିର୍ଦ୍ଦେଶରେ ଏନ୍‌ସିସି ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀଙ୍କ "ଏନ୍‌ସିସି ଯୋଗଦାନ" କାର୍ଯ୍ୟକ୍ରମ ଅନ୍ତର୍ଗତ କରୋନା ସଂକ୍ରମଣ ସମୟରେ ସମସ୍ତେ ଗୃହ ବନ୍ଦୀ ଥିବା ସମୟରେ ଏହି ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଡ଼ଃ ସଞ୍ଜୟ କୁମାର ସୁନ୍ଦରାୟଙ୍କ ଦକ୍ଷତାପୂର୍ଣ୍ଣ ସୁପରିଚାଳନାରେ ଏହି ମହାବିଦ୍ୟାଳୟର ୫୦ ଜଣ ଏନ୍‌ସିସି କ୍ୟାଡେଟ୍ ମାନଙ୍କ ଦ୍ୱାରା କୋଭିଡ ସହାୟତା କେନ୍ଦ୍ର କରାଯାଇ ଫୋନ୍ ମାଧ୍ୟମରେ ନିରବଛିନ୍ନ ଭାବେ ଦୈନିକ ୧୮ ଘଣ୍ଟା ସମୟ ଦେଇ ସଂକ୍ରମିତଙ୍କ ଅସୁବିଧା ସମ୍ପର୍କରେ ପଚାରିବୁଝି ଜିଲ୍ଲା ପ୍ରଶାସନର ଓ ବିଭିନ୍ନ ସେଚ୍ଛାସେବୀ ସଙ୍ଗଠନର ସହାୟତାରେ ବିଭିନ୍ନ କୋଭିଡ ସଂକ୍ରମିତଙ୍କୁ ତଥା ସେମାନଙ୍କ ପରିବାରକୁ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିଥିଲେ । କ୍ୟାଡେଟ୍ ମାନଙ୍କର ଏହି "କୋଭିଡ଼ ସେବା" ପୁରୀ ଜିଲ୍ଲାର ପ୍ରଥମ ଓ ଏକମାତ୍ର କଲେଜ ହୋଇ ଜିଲାର ଅନେକ କରୋନା ସଂକ୍ରମିତଙ୍କୁ ସାହାଯ୍ୟ କରିଥିଲେ । କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସଂକ୍ରମିତ ହୋଇ ସଙ୍ଗରୋଧରେ ରହୁଥିବା ବୟସ୍କ ଲୋକଙ୍କୁ ସହଯୋଗ କରିବାକୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରଛାତ୍ରୀ ମାଧ୍ୟମ ପାଲଟି ଥିଲା । ଜନସାଧାରଣଙ୍କୁ ରୋଗୀ ବୁହା ଯାନ (ଆମ୍ବୁଲାନ୍ସ) ସେବା, ଅମ୍ଳଜାନ ଟାଙ୍କି, ସଙ୍ଗରୋଧରେ ରହୁଥିବା ଲୋକଙ୍କୁ ଖାଦ୍ୟ, ଟିକାକରଣ କେନ୍ଦ୍ର, ପରୀକ୍ଷା କେନ୍ଦ୍ର ସଂକ୍ରାନ୍ତରେ ତଥ୍ୟ ଯୋଗାଇ ଦେବା ସହ କୋଭିଡ୍ ସଚେତନତା କରି ସାମାଜିକ ଗଣମାଧ୍ୟମ ଜରିଆରେ କରୋନା ମହାମାରୀ ବିଷୟରେ ସୂଚନା ଦେଇ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ । ଏହି ମହାନ ସମାଜ ସେବା "କୋଭିଡ ସେବା" ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡାଃ. ସୁଜାତା ମିଶ୍ର, ଷଷ୍ଠ ଓଡ଼ିଶା ଏନ୍ ସି ସି ବାଟାଲିୟନ ପୁରୀର କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ସୁଦର୍ଶନ ଯୋଶୀ ଓ ପ୍ରଶାସନିକ ଅଫିସର କର୍ଣ୍ଣେଲ ପ୍ରସୂନ କୁମାର ପଣ୍ଡାଙ୍କ ଠାରୁ ଆରମ୍ଭ କରି ଓଡିଶା ଏନ୍‌ସିସି ନିର୍ଦ୍ଦେଶାଳୟ ଏବଂ ପୁରୀ ଜିଲା ପ୍ରଶାସନଠାରୁ କ୍ୟାଡେଟ୍‌ମାନେ ଅନେକ ପ୍ରଶଂସା ପାଇସାରିଛନ୍ତି । ଏବେ ଏହି ମହାନ ସମାଜ ସେବା ପାଇଁ ପୁରସ୍କାର ହିସାବରେ ସର୍ବଭାରତୀୟସ୍ତରୀୟ ଏନ୍‌ସିସି ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀଙ୍କ ପକ୍ଷରୁ ମହାନିର୍ଦ୍ଦେଶାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ମେଜର ଜେନେରାଲ ପିଏସ୍ ସେରାବତ, ସେବା ମେଡାଲ, ତାଙ୍କର ଓଡିଶା ଗ୍ରସ୍ତ ସମୟରେ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ପୁରୀଠାରେ ଏହି ମହାବିଦ୍ୟାଳୟର କ୍ୟାଡେଟ କର୍ମଦା ପତିଙ୍କୁ ଡ଼ିଜି ଟ୍ରଫି ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡାଃ ମିଶ୍ର କ୍ୟାଡେଟମାନଙ୍କର ଏହିପରି ସଫଳତା ପାଇଁ ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଡାଃ ସୁନ୍ଦରାୟଙ୍କ ନେତୃତ୍ୱକୁ ଧନ୍ୟବାଦ ଦେବା ସହ ଏଥିପାଇଁ ମହାବିଦ୍ୟାଳୟ ଗର୍ବିତ ହେବା ସହ ଆଗାମୀ ଦିନରେ ଏହାକୁ ବଜାୟ ରଖିବାକୁ ସମସ୍ତ କ୍ୟାଡେଟ୍‌ମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ମହାସଂଘ ଘେରିଲା ଜିଲ୍ଲାପାଳ କାର୍ଯ୍ୟାଳୟ



ବଲାଙ୍ଗିର, (ନିପ୍ର) : ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ମହାସଂଘ ଘେରିଛି ଆଜି ବଲାଙ୍ଗିରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ । ଏହି ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ମଧ୍ୟ ପ୍ରଦାନ କରାଯାଇଛି । ମହାସଂଘ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ଡିସେମ୍ବର ୧୨ ଯାଏଁ ଦାବୀ ପୂରଣ ନ ହେଲେ ଡିସେମ୍ବର ୧୩ ତାରିଖରୁ ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀବୃନ୍ଦ ଆମରଣ ଅନଶନ ସାରା ଓଡ଼ିଶାରେ ଆରମ୍ଭ କରିବ । ବିଭିନ୍ନ ଜିଲ୍ଲାରେ ଥିବା ୧୦୪ଟି ବିଦ୍ୟାଳୟର ଶିକ୍ଷକ ତଥା ଅଣଶିକ୍ଷକ କର୍ମଚାରୀ ବୃନ୍ଦ ଦୀର୍ଘ ୩୫ ବର୍ଷ ଧରି ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷା, ତାଲିମ ଓ ଥଇଥାନ ନିମନ୍ତେ ନିଷ୍ଠାପର ଭାବେ କାର୍ଯ୍ୟ କରି ଆସୁଥିଲେ ସୁଦ୍ଧା ସେମମାନଙ୍କୁ ଚାକିରିର ସର୍ବନିମ୍ନ ମୌଳିକ ସୁବିଧା ପ୍ରଦାନ କରାଯାଉନାହିଁ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବୀପତ୍ରରେ ଚାକିରିର ମୌଳିକ ସୁବିଧାନ ପ୍ରଦାନ ପାଇଁ ଦାବୀ କରାଯାଇଛି ।

## ଲୋଇସିଂହାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ



ଲୋଇସିଂହା, (ନିପ୍ର) : ଲୋଇସିଂହା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ବିଇଓ ସୁଶ୍ରୀ ରୀନାକୁମାରୀ ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉତ୍ସବର ଶୁଭାରମ୍ଭ କରିଥିଲେ । ଏବିଇଓ ବ୍ୟାସଦେବ ରାୟ, ଋଷିମତି ତ୍ରିପାଠୀ, ଟଂକଧର ଭୋଇ, କିରାଣୀ ବୈଷ୍ଣବ ଷଡଙ୍ଗୀ, ସୋମନାଥ ବିଶ୍ୱାଳ, ସିଆରସିସି ପର୍ଶୁରାମ ସୁନା, ଯାଦବ ପଧାନ, ହେମନ୍ତ ନାଗ, ସୁଦାମ ପଧାନ, ଗୋବିନ୍ଦ ବେହେରା, ପବିତ୍ର ପଟେଲ, କେୟମ ଖାନ, ବିଆରଟି ବିଶ୍ୱବନ୍ଦିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିଜର ଦକ୍ଷତା ପ୍ରତିପାଦନ କରିପାରିବେ ସେ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସିଆରସିସି ପର୍ଶୁରାମ ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏବିଇଓ ଟଂକଧର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜବରଦଖଲ ଉଚ୍ଛେଦକୁ ତୀବ୍ର ବିରୋଧ : ପୌରପାଳିକା ଓ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଲେ ଅଂଚଳବାସୀ



ବଲାଙ୍ଗିର, (ନିପ୍ର) : ଜିଲ୍ଲା ପ୍ରଶାସନ ସହରରେ ପୁଣି ଥରେ ଜବର ଦଖଲ ଉଚ୍ଛେଦ ଆରମ୍ଭ କରିଛି । କିଛି ଦିନ ତଳେ ଜିଲ୍ଲା ପ୍ରଶାସନ ତରଫରୁ ସହରର ଫଲସା ପତ୍ରି ଅଂଚଳରେ ଉଚ୍ଛେଦ କରାଯାଇଥିବା ବେଳେ ସହରର ବିଭିନ୍ନ ଅଂଚଳବାସିନ୍ଦାଙ୍କୁ ଉଚ୍ଛେଦ ଭୟ ଘାରିଛି । ଆଜି ସହରର ପ୍ରାୟ ୭ଟି ଅଂଚଳର ବାସିନ୍ଦାମାନେ ଏହି ଉଚ୍ଛେଦ ବିରୁଦ୍ଧରେ ସ୍ଥାନୀୟ ପୌରପାଳିକା ଓ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଛନ୍ତି । ବର୍ତ୍ତମାନ ଅନ୍ୟ କୌଣସି ଅଂଚଳ ଉଚ୍ଛେଦ ହେବାର କାର୍ଯ୍ୟକ୍ରମ ନାହିଁ । ଆପଣମାନେ ଅଯଥା କାର୍ଯ୍ୟାଳୟ ଘେରିବାର ଆବଶ୍ୟକତା ନାହିଁ ବୋଲି ଅତିରିକ୍ତ ଜିଲ୍ଲାପାଳ କହିବା ପରେ ଆନ୍ଦୋଳନକାରୀ ଧାରଣାରୁ ଓହରି ଯାଇଥିଲେ । ତେବେ ଆଗାମୀ ଦିନରେ ଉଚ୍ଛେଦ ବିରୁଦ୍ଧରେ ଜୋରଦାର ଆନ୍ଦୋଳନ କରାଯିବା ନେଇ ଅସନ୍ତୁଷ୍ଟ ବସ୍ତି ବାସିନ୍ଦାମାନେ ଚେତାବନୀ ଦେଇଛନ୍ତି । ବିଗତ କିଛି ଦିନ ହେବ ସହରରେ ପୁଣି ଥରେ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ସହରର ଅଫିସର କଲୋନି ପଛପଟ ଫଲସାପତ୍ରି ଅଂଚଳରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା ପରେ ବିଭିନ୍ନ ଅଂଚଳର ଜବରଦଖଲ ଜମି ରହୁଥିବା ଲୋକଙ୍କୁ ଉଚ୍ଛେଦ ଭୟ ଘାରିଛି । ଲୋକଙ୍କୁ ଥଇଥାନ କରିବା ପୂର୍ବରୁ ତାଙ୍କୁ ଜୋର ଜବରଦସ୍ତ ଉଚ୍ଛେଦ କରାଯିବାକୁ ଲୋକେ ତୀବ୍ର ବିରୋଧ କରିଛନ୍ତି । ଅନ୍ୟପଟେ, ବାର୍ଷିକ ଆୟ ୬୦ହଜାର ତଳେ ଥିବା ବ୍ୟକ୍ତିଙ୍କୁ କେବଳ ଥଇଥାନ କରାଯିବା ନିଷ୍ପତ୍ତିକୁ ମଧ୍ୟ ଲୋକେ ବିରୋଧ କରିଛନ୍ତି ।

ଏଭଳି ଘଡିସନ୍ଧି ମୂହୁର୍ତ୍ତରେ ଲୋକ ପ୍ରତିନିଧିମାନେ ଅନୁପସ୍ଥିତ ଥିବାବେଳେ ବାରମ୍ବାର ଚେଷ୍ଟା ସତ୍ୱେ ଜିଲ୍ଲାପାଳଙ୍କ ଦେଖା ମିଳୁ ନଥିବା ଲୋକେ ଅଭିଯୋଗ କରିଛନ୍ତି । ତେବେ ସହରରେ ଏହି ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରାନଗଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବା ନେଇ ଅଂଚଳବାସୀ ଚେତାବନୀ ଦେଇଛନ୍ତି । ଆଜି ସକାଳୁ ସହରର ଇନ୍ଦିରାନଗର, ରାଜୀବନଗର, ହାତୀଶାଳପଡା, ଜୋରଖଣ୍ଡିପଡା, ବିଭୁତିପଡା, ଫଲସାପତ୍ରି ଓ ଇଚ୍ଛାପଡା ଅଂଚଳର ଶତାଧିକ ବାସିନ୍ଦା ଜବର ଦଖଲ ଉଚ୍ଛେଦ ବିରୁଦ୍ଧରେ ସ୍ଥାନୀୟ ପୌରପାଳିକା କାର୍ଯ୍ୟାଳୟକୁ ଧସେଇ ପଶିଥିଲେ । ଜୋରଦାର ହଟ୍ଟଗୋଳ ପରେ ବଲାଙ୍ଗିର ପୌରାଧିକାରୀ ଶ୍ରୀ ଦୀପ ଏ ବିଷୟରେ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି ଅନ୍ଦୋଳନକାରୀଙ୍କୁ ପ୍ରକାଶ କରିଥିଲେ । ସେଠାରୁ କୌଣସି ନିର୍ଭରଯୋଗ୍ୟ ଉତ୍ତର ମିଳି ନଥିବା ବେଳେ ଆନ୍ଦୋଳନକାରୀ ସିଧା ଜିଲ୍ଲାପାଳ କାର୍ଯ୍ୟାଳୟକୁ ମୁହାଇଥିଲେ । ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି, ଜିଲ୍ଲା ପ୍ରଶାସନ ବିରୁଦ୍ଧରେ ନାରାବଜି କରିବା ସହ ରାସ୍ତା ରୋକ କରିଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦେଖା କରିଥିଲେ । ଏବେ ଉଚ୍ଛେଦ କରାଯିବା ନେଇ କୌଣସି ନିର୍ଦ୍ଦେଶ ନାହିଁ, ପ୍ରଶାସନ ଏ ବିଷୟରେ ଚର୍ଚ୍ଚା କରିବ, ଆପଣମାନେ ଘରକୁ ଫେରି ଯାଆନ୍ତୁ ଶୁଣିବା ପରେ ଆନ୍ଦୋଳନକାରୀ ଧାରଣାରୁ ଓହରି ଯାଇଥିଲେ । ତେବେ, ସହରର ଆବଶ୍ୟକତା, ବିକାଶ ଗରିବ ଜନସାଧାରଣଙ୍କ ଅବସ୍ଥା ଯାହା ହେଉ ଠିକ ନିର୍ବାଚନୀ ସମୟ ପୂର୍ବରୁ ସହରରେ ଜବରଦଖଲ ଉଚ୍ଛେଦ ବିଭିନ୍ନ ରାଜନୈତିକ ଦଳକୁ ରାଜନୀତି କରିବା ପାଇଁ ବେଶ ଖୋରାକ ଯୋଗାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି ।






# ଅଟଳ ବିହାରୀ ପଣ୍ଡାଙ୍କ ଜନ୍ମ ଜୟନ୍ତୀ ପାଳିତ

## • ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ପ୍ରଥମ 'ଅଟଳ ସମ୍ମାନ'



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ପିପି ଏକାଡେମୀ ସ୍କୁଲ ପରିସରରେ ଅଟଳ ବିହାରୀ ପଣ୍ଡାଙ୍କ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଜୟନ୍ତୀ ପାଳିତ ହୋଇଯାଇଛି । ବଲାଙ୍ଗିର ଏଡିଏମ୍‌ଓ ଅନ୍ତ ନାରାୟଣ ସିଂ ଲାଗୁରି ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସ୍ମୃତି କମିଟିର ଆବାହକ ଜୟକୃଷ୍ଣ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶଲାବୁଢା ଫିଲ୍ମ ନିର୍ମାତା ତଥା ଖ୍ୟାତିନାମା ଫିଲ୍ମ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ମନୋରଂଜନ ଯୋଷୀ, ଜଗଦାନନ୍ଦ ଛୁରିଆ, ସ୍ମୃତି କମିଟି ସଂପାଦକ ସଂଗିତା ଦାଶ ମଞ୍ଚାସୀନ ଥିବା ବେଳେ ନିର୍ଦ୍ଦେଶକ ଶ୍ରୀ ମହାପାତ୍ର କହିଥିଲେ ସ୍ୱର୍ଗତ ଅଟଳଙ୍କୁ ଯୁବବସ୍ଥାରେ ସମ୍ବଲପୁର ନାଟ୍ୟକଳା ଉତ୍ସବରେ ଦେଖିଥିଲି । ତା ପରେ ସିଧା ୧୫ ବର୍ଷ ପରେ ଦେଖି କଥାବାର୍ତ୍ତା ହୋଇଥିଲୁ । ତାଙ୍କ ଯୁବ ସୁଲଭ ଜୋସ୍ ଦେଖି ତାଙ୍କୁ ଫିଲ୍ମରେ ଅଭିନୟ କରିବାକୁ ପ୍ରସ୍ତାବ ଦେଇଥିଲି । ଫିଲ୍ମରେ ସେ ନିଜର ନିଖୁଣ ଅଭିନୟ ପ୍ରଦର୍ଶନ କରିଥିଲେ । ସେହିପରି ସମ୍ମାନିତ ଅତିଥି ଶ୍ରୀ ଯୋଷୀ ଆମ ଅଂଚଳର କଳା ସଂସ୍କୃତି ସବୁବେଳେ ଆଗରେ ରହିଛି । ସ୍ୱର୍ଗତ ଅଟଳ ପଣ୍ଡା କଳା ସଂସ୍କୃତିକୁ ଭଲ ପାଉଥିବା ଜଣେ ବିରଳ ବ୍ୟକ୍ତିତ୍ୱ । ତାଙ୍କ ଜନ୍ମୋତ୍ସବରେ ଆମେ କିଭଳି ଅଟଳଙ୍କ ଭଳି ଅନେକ ପ୍ରତିଭାଙ୍କୁ ଆମ ଅଂଚଳର ଚିହ୍ନଟ କରି ଆଗକୁ ନେବା ସେ ଦିଗରେ ଚେଷ୍ଟିତ ହେବାକୁ ପଡିବ ବୋଲି କହିଥିଲେ । ସଙ୍ଗୀତ କଳା ଜଗତର ଧ୍ରୁବତାରା ଅଟଳ ପଣ୍ଡା ବଲି ବକ୍ତବ୍ୟ ରଖିଥିଲେ । ପୁଷ୍ପାଞ୍ଜଳି ବେହେରା ଓ ରାଜମଣି ସାହୁ ସ୍ୱର୍ଗତ ଅଟଳଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ସ୍ୱର୍ଗତ ଅଟଳ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ଦୁଇଟି ଭିଡିଓ ଆଲବମ ଓ ତାଙ୍କ ଲିଖିତ ଦୁଇଟି ଆତ୍ମଜୀବନୀ 'ବାନ୍ଧୁ ଉବାଚ' ଓ 'ଅଟଳ' 'ଅଟଲ ପଣ୍ଡା ଆମର ଶଳାବୁଢା' ଏବଂ 'ଅଟଲ ପଣ୍ଡା ଅମର ରହେ'ର ଲୋକର୍ପଣ ହୋଇଥିଲା । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ପ୍ରଥମ 'ଅଟଳ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଭିଡିଓ ଆଲବମରେ କାମ କରିଥିବା ବିଭୁତି ପଟ୍ଟନାୟକ, ବ୍ୟାସଦେବ ପୁରୋହିତ, ନୁର ବେଗମ, ପ୍ରତିଭାରାଣୀ ଭୁଏ, ପ୍ରୀତନନ୍ଦ ମିଶ୍ର, ପଦ୍ମିନୀ ଦୋରା, ସର୍ବେଶ୍ୱର ଭୋଇ, ଶତ୍ରୁଘ୍ନ ଲୁହା, ତୁଳାରାମ କଲେଟ, ବିରଂଚି ନାରାୟଣ ମେହେର, ଘନଶ୍ୟାମ ମେହେର, ଯତୀନ୍ଦ୍ର ପ୍ରଧାନ, ରତନ ପୂଜାରୀ, ଜେ.ପି. ସାହୁ, ସୌମ୍ୟରଂଜନ ପୂଜାରୀ, ମନ ମେହେର, ଶାଶ୍ୱତ ତ୍ରିପାଠୀ, ଅଶ୍ୱିନୀ ପଣ୍ଡା, ସୁଧାଂଶୁ ଶେଖର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପରେ ଓଡିଶା ସଂସ୍କୃତିକ ବିଭାଗ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ରିସ୍କା କୋଚିଂ ସେଣ୍ଟର ଓ ଡିଏସ୍ ଅନୁଷ୍ଠାନ ଛାତ୍ର ଛାତ୍ରୀ ଶଲାବୁଢାର ଗୀତ ପରିବେଷଣ କରିଥିଲେ । ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ । ଶେଷରେ ସର୍ବେଶ୍ୱର ଭୋଇଙ୍କ ଗୀତରେ ଆୟୋଜନ କମିଟିକୁ ମନୋରଂଜନ କରିଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ମହାକୁର, ନବଘନ ଦାଶ, ସୋମନାଥ ମିଶ୍ର, ଲଳିତ ପୁଝାରୀ, ସତ୍ୟବ୍ରତ ପୁଟେଲ, ଚକ୍ରପାଣି ମିଶ୍ର, ବିନୋଦ କାଲସାଏ, ରାମ ଦାଶ, ବାସୁଦେବ ସା, ମିଲି ବାରିକ, ସଂଜିବ ସାହୁ, ଅଭିଷେକ ଦାଶ ପ୍ରମୁଖ ସହଯୋଗ କରିଥିବା ବେଳେ କପିଳେଶ୍ୱର ଖମାରୀ ଧନ୍ୟବାଦ ଦେଇଥିଲେ ।

# ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ବିୟୋଗରେ ବଲାଙ୍ଗିର ପ୍ରେସ କ୍ଲବ କକ୍ଷରୁ ଶୋକସଭା



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ପ୍ରେସ କ୍ଲବ ପକ୍ଷରୁ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଏହି ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପ୍ରେସ କ୍ଲବ ସଭାପତି ଅରୁଣ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶୋକସଭାରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା, ରୁଦ୍ରଦେବ ପ୍ରଧାନ, ସମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିରେନ୍ଦ୍ର ଝାଙ୍କର, ରଘୁ ନନ୍ଦନ ସିଂହ, ବିଭୂକଲ୍ୟାଣ ଗଡତ୍ୟା, ଦେବାଶିଷ ମିଶ୍ର, ରିତୁରାଜ ସିଂହ, ଦିଲିପ ସାହୁ, ପ୍ରଶାନ୍ତ ମହାକୁର ପ୍ରମୁଖ ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ଜୀବନାଦର୍ଶ ଓ କର୍ମନିଷ୍ଠ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଘବ ବେହେରା, ଟିକଲ ପଟେଲ, ପବିତ୍ର ନେପାକ, ବିଧୁଭୂଷଣ ତ୍ରିପାଠୀ ପ୍ରମୁଖ ଶୋକସଭାରରେ ଉପସ୍ଥିତ ଥିଲେ ।

# ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମାରୋହ ସଭା ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାର ଡିଗ୍ରୀ କଲେଜ କୁଶଙ୍ଗଠାରେ ଅଧକ୍ଷ ବିଜୟ କୁମାର କଲେଟଙ୍କ ଅଧକ୍ଷତାରେ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମାରୋହ ସଭା ଅନୁଷ୍ଠିତ ହୋଇଯାଇଛି । ଶେଷ ଏବଂ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷ ପିଲାଙ୍କୁ ଚନ୍ଦନ ଟୀକା ଏବଂ ଫୁଲ ଉପହାର ଦେଇ କଲେଜକୁ ସ୍ୱାଗତ ଜଣାଇଥିଲେ । ଡ. ଅଜିତ କୁମାର ଭୋଇ ସଭାକୁ ସଂଯୋଜନା କରି ଛାତ୍ରଙ୍କୁ ଶୃଙ୍ଖଳିତ ଜୀବନ ପାଇଁ ପ୍ରେରଣା ଦେଇଥିବା ବେଳେ ଡ. ଲକ୍ଷ୍ମଣ ମେହେର ପରିଶ୍ରମର ସଫଳତା ସମ୍ପର୍କରେ ତଥ୍ୟ ରଖିଥିଲେ । ସଭାରେ ଶମ୍ଭୁ ପ୍ରସାଦ ସାହୁ, ଚକ୍ରଧର ପଟେଲ, ରମାକାନ୍ତ ରାଉତ ଅତିଥି ଭାବେ ମଂଚାସୀନ ଥିଲେ । ଏହା ସହିତ ସ୍ୱାଗତ ଜଣାଇବା ଅବସରରେ ଚିନ୍ତାମଣି ଦାସ, ଅନୁପମା ପୃଷ୍ଟି, ରୋଜି ସାହୁ, ଜାଗୃତି ଗଡ଼ତ୍ୟା ଇତ୍ୟାଦି ଛାତ୍ରଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ । ଶେଷ ବର୍ଷର ଛାତ୍ର ଶିବାଶିଷ ମିଶ୍ର ସଭା ଶେଷରେ ସମସ୍ତଙ୍କୁ ଧନ୍ୟବାଦ । ଏହା ବ୍ୟତୀତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୀତ ଓ ନାଚ ପରି ମନୋରଞ୍ଜନ କାର୍ଯ୍ୟକ୍ରମ ସୁନ୍ଦର ଭାବେ ପରିବେଷିତ ହୋଇଥିଲା ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu